# ଓଡ଼ିଶା ଜଙ୍ଗଲ କ୍ଷେତ୍ର ପାଇଁ ଲୋକାଭିମୁଖୀ ଭବିଷ୍ୟଦୃଷ୍ଟି

## ଓଡ଼ିଶା ଜଙ୍ଗଲ କ୍ଷେତ୍ର : ଭବିଷ୍ୟଦୃଷ୍ଟିର ମୌଳିକ ଉପାଦାନ

## ମୂଳନୀତି :-

୩. ସନ୍ତୁଳିତ ପରିବେଶୀୟ ବ୍ୟବସ୍ଥା, ସ୍ଥାନୀୟ ବ୍ୟବହାର ଓ ବ୍ୟବସାୟିକ ଚାହିଦା ଆଦିକୁ ଦୃଷ୍ଟିରେ ରଖାଯାଇ ଏକ ଦୀର୍ଘସ୍ଥାୟୀ ଜଙ୍ଗଲ ବିକାଶ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ।

୧. ପରିବେଶର ସୁରକ୍ଷା ପାଇଁ ଜଙ୍ଗଲର ଯେଉଁସବୁ ଯୋଗଦାନ ରହିଛି, ସେଗୁଡ଼ିକୁ ସ୍ୱୀକୃତି ଦିଆଯିବ ଏବଂ ସୁରକ୍ଷିତ ହେବ ।

୨. ଅନୁସୂଚୀତ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ଅଧିବାସୀମାନେ ଜିବନ ଜୀବିକା ନିମନ୍ତେ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଉତ୍ତମ ପ୍ରୋତ୍ସାହନ ପାଇ ଏହି ଅଞ୍ଚଳର ଲୋକମାନେ ଜଙ୍ଗଲ ବିଭାଗ ସହିତ ମିଶି ଜଙ୍ଗଲର ଜଗାରଖା ତଥା ପରିଚାଳନା କରିବା ସମ୍ଭବ ହେବ । ଏହି ସବୁ ଜଙ୍ଗଲ ଉପରେ ଲୋକଙ୍କର ପ୍ରଥମ ଅଧିକାର ଥିବାରୁ ସେସବୁ ସ୍ଥାନରେ ଜଙ୍ଗଲ ଉପରେ ଲୋକଙ୍କର ପାରମ୍ପରିକ ଓ ବ୍ୟବହାରିକ ଅଧିକାରକୁ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ ।

୪. ଜଙ୍ଗଲକୁ ନେଇ ହେଉଥିବା କାର୍ଯ୍ୟକ୍ରମ ଓ କାର୍ଯ୍ୟପଦ୍ଧତିକୁ ସରଳ, ସ୍ୱଚ୍ଛ ଓ ଫଳପ୍ରସୂ ହେବ ।

୫. କାର୍ଯ୍ୟଗୁଡ଼ିକର ନିୟନ୍ତ୍ରଣ ଓ ପରିଚାଳନା ଖର୍ଚ୍ଚକୁ ଯଥା ସମ୍ଭବ କମ୍ କରାଯିବ ।

## ଭବିଷ୍ୟଦୃଷ୍ଟିର ସାରକଥା :

ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶାର ଜଙ୍ଗଲ ସଂମୃଦ୍ଧ ତଥା ଘଞ୍ଚ ଅଟେ । ସେହି ଜଙ୍ଗଲରୁ ସ୍ଥାନୀୟ ଜନସାଧାରଣ ତଥା ସମାଜର ବିଭିନ୍ନ ବର୍ଗର ଲୋକ ଯେପରି ନିରନ୍ତର ଭାବରେ ବହୁ ପ୍ରକାରର ଜଙ୍ଗଲ ଜାତ ଦ୍ରବ୍ୟ ଓ ସେବା ପାଇପାରିବେ ସେଥି ସକାଶେ ଏକ ଉପଯୁକ୍ତ ପରିଚାଳନା ପଦ୍ଧତି ମଧ ରହିଛି । ଜଙ୍ଗଲଗୁଡ଼ିକ ବିବିଧ ଉଦ୍ଭିଦ ଓ ପଶୁ ସମ୍ପଦରେ ପରିପୂର୍ଣ୍ଣ ରହିବା ସହିତ, ମୃତ୍ତିକା ପ୍ରସ୍ତୁତି, ଜଳ ପ୍ରବାହ ନିୟନ୍ତ୍ରଣ ଓ ବିଶୁଦ୍ଧ ଜଳର ସୃଷ୍ଟି, ବିଭିନ୍ନ କିସମର କାଠ, ଜାଳକାଠ ତଥା ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ଯୋଗାଇ ଦେଉଥିବ । ଏହା କୃଷିଭିତ୍ତିକ ଅର୍ଥନୀତି ଏବଂ ଜଙ୍ଗଲଭିତ୍ତିକ ରୋଜଗାରର ଉତ୍ସକୁ ସମୃଦ୍ଧ କରିବା ସହିତ ସମସ୍ତଙ୍କ ଜୀବନଧାରଣର ମାନକୁ ବୃଦ୍ଧି କରିବାରେ ସହାୟକ ହେଉଥିବ । ଏକ ବଳିଷ୍ଠ ତଥା ଉତ୍ତରଦାୟିତ୍ୱ ସମ୍ପନ୍ନ ଜଙ୍ଗଲ ବିଭାଗ ଏବଂ କ୍ଷମତାସମ୍ପନ୍ନ ସ୍ଥାନୀୟ ଗୋଷ୍ଠୀ ସଂଗଠନଗୁଡ଼ିକ ସହଯୋଗିତାଭିତ୍ତିରେ ଜଙ୍ଗଲ ସଂପଦକୁ ଅନଧିକାର ପ୍ରବେଶକାରୀ, ଜବରଦଖଲକାରୀ, କାଠ ଚୋର, ଶିକାରୀ ଏବଂ ଜଙ୍ଗଲ ନିଆଁରୁ ରକ୍ଷା କରୁଥିବେ । ଏକ ନମନୀୟ ଜଙ୍ଗଲ ସତ୍ୱ ଯୋଗୁଁ ବହୁବିଧ ଅନୁଷ୍ଠାନ ଓ ବିଭିନ୍ନ ପ୍ରକାରର ଜଙ୍ଗଲର ଅଭିବୃଦ୍ଧି ହେବା ଦିଗରେ ସହାୟକ ପ୍ରଦାନ କରୁଥିବ । ଜଙ୍ଗଲର କିସମ ତାହାର କାର୍ଯ୍ୟକୁ ପ୍ରମାଣ କରୁଥିବ । ଉଦାହରଣ ସ୍ୱରୂପ, ସୁରକ୍ଷିତ ଅଞ୍ଚଳଗୁଡିକ (ଅଭୟାରଣ୍ୟ, ଜାତୀୟଉଦ୍ୟାନ) ବିଭିନ୍ନ ପ୍ରଜାତିର ବୃକ୍ଷତରୁଲତା ଓ ପଶୁପକ୍ଷୀ, କୀଟପତଙ୍ଗମାନଙ୍କର ପ୍ରାକୃତିକ ବାସସ୍ଥଳୀକୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ ସଂରକ୍ଷିତ ଜଙ୍ଗଲଗୁଡ଼ିକ ପରିବେଶର ସୁରକ୍ଷା, ସ୍ଥାନୀୟ ଲୋକଙ୍କର ଜୀବନଜୀବିକା ଓ ବ୍ୟବସାୟିକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିବ । ସ୍ଥାନୀୟ ଆବଶ୍ୟକତା, ବଳକା ବନଜାତ ଦ୍ରବ୍ୟର ବିକ୍ରୟ ଓ ବ୍ୟବସାୟିକ ଉପଯୋଗ ନିମନ୍ତେ ମିଳିତ ବନ ପରିଚାଳନାର ବିଭିନ୍ନ ପନ୍ଥାକୁ ପାଥେୟ କରାଯାଇ ଜଙ୍ଗଲଗୁଡ଼ିକୁ ପରିଚାଳନା କରାଯାଉଥିବ । ମୋଟାମୋଟିଭାବେ କହିବାକୁ ଗଲେ, ସମସ୍ତ କିସମର ଜଙ୍ଗଲ ସ୍ଥାନୀୟ ଲୋକଙ୍କ ଅଧିକାରକୁ ସମ୍ମାନ ଦେବା ସହ ଜଙ୍ଗଲ ସୁରକ୍ଷା, ପରିଚାଳନା ଓ ସଦ୍‌ବ୍ୟବହାରରେ ସ୍ଥାନୀୟ ଭାଗୀଦାରିତାକୁ ଯଥେଷ୍ଟ ପ୍ରୋତ୍ସାହିତ କରୁଥିବ । ଜଙ୍ଗଲକୁ ଅଣ-ଜଙ୍ଗଲ କାର୍ଯ୍ୟ, ବିଶେଷତଃଭାବେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ (ଯେପରିକି କଳକାରଖାନା, ଖଣି କାର୍ଯ୍ୟ, ରେଳ ରାସ୍ତା ନିର୍ମାଣ) ଆଦିରେ ବ୍ୟବହାରକୁ ରୋକିବା ନିମନ୍ତେ ଏକ ନିରୁତ୍ସାହଜନକ ପ୍ରକ୍ରିୟା ପ୍ରଚଳନ କରାଯାଇଥିବ । ଅର୍ଥାତ୍ ବର୍ଦ୍ଧିତ

ଭରଣାର ପରିବ୍ୟୟ, ସ୍ଥାନୀୟ କ୍ଷତିପୂରଣ ଏବଂ ଉଦ୍ଦିଷ୍ଟ ଅନ୍ୟାନ ପ୍ରକ୍ରିୟା ଆଦି ବିକାଶମୂଳକ ପ୍ରକଳ୍ପ ନିମନ୍ତେ ନିରୁତ୍ସାହଜନକ ସାଜିବ । ସ୍ୱଚ୍ଛ ପରିଚାଳନା ପଦ୍ଧତି ଓ ବ୍ୟବସ୍ଥା, ଜଙ୍ଗଲ ସଂମ୍ପର୍କୀତ ବିଭିନ୍ନ କାର୍ଯ୍ୟ ଯଥା: କାଠ ଓ ଅଣ-କାଷ୍ଠ ବନଜାତ ଦ୍ରବ୍ୟର ଅମଳ ଓ ସେଗୁଡ଼ିକର ବିକ୍ରିବଟା ତଥା ଦେଣନେଣ ଆଦି କାମ କରିବାର ଖର୍ଚ୍ଚକୁ କମ କରାଇବା ସହ ବାହ୍ୟ ଅପବାଦରୁ ବର୍ତ୍ତିବାରେ ମଧ୍ୟ ସହାୟକ ହେବ । ଏବଂ ଜଙ୍ଗଲ ପରିଚାଳନା ଓ କାର୍ଯ୍ୟକାରୀତା ବିବାଦମୁକ୍ତ ହେବା ସହ ବିଶ୍ୱାସଭାଜନ ହେବ ।

## ଭବିଷ୍ୟଦୃଷ୍ଟିର ମୂଳକଥା

### ୧. ଜଙ୍ଗଲ ପରିସରର ବୃଦ୍ଧି ଓ ସ୍ଥିତି :

**୧.୧ ଜଙ୍ଗଲ ଜମିରେ ଜଙ୍ଗଲର ଘନତ୍ୱ ବୃଦ୍ଧି[୧] :**

ଏବେ ଯେଉଁ ପରିମାଣରେ ଜଙ୍ଗଲ କ୍ଷୟ ଚାଲିଛି ତାହାକୁ ରୋକା ଯାଇଥିବ, ଏବଂ ଯେଉଁ ସମସ୍ତ ଅଞ୍ଚଳରେ ଖୋଲା ବା ମେଲା ଅବା ଟାଙ୍ଗରା ଜଙ୍ଗଲାଞ୍ଚଳ ରହିଛି, ସେ ସମସ୍ତ ଅଞ୍ଚଳ ନାନାପ୍ରକାରର ପ୍ରାକୃତିକ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇଥିବ ।

**୧.୨ ଜଙ୍ଗଲାଞ୍ଚଳ ବାହାରେ ଅଧିକ ଗଛ ଥିବ[୨] :**

ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଘରୋଇ ତଥା ସର୍ବସାଧାରଣ ଜମି, ଯଥା: ସହରରେ ଥିବା ଉଦ୍ୟାନ, ରାସ୍ତା, କେନାଲ ବନ୍ଧ ଓ ରେଳ ଧାରଣାର ଉଭୟ ପାର୍ଶ୍ୱ ନାନାପ୍ରକାରର ବୃକ୍ଷରାଜିରେ ପରିପୂର୍ଣ୍ଣ ହେବା ସହ ବିଭିନ୍ନ ପ୍ରକାରର ସେବା ଯୋଗାଇଆସୁଥିବ ।

**୧.୩ ଅଣ-ଜଙ୍ଗଲ କାର୍ଯ୍ୟ ନିମନ୍ତେ ଜଙ୍ଗଲ ଜମିର ରୂପାନ୍ତରକୁ କମ୍ କରିବା :**

ପରିବେଶ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକୁ କୌଣସି ଅଣ-ଜଙ୍ଗଲ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯିବ ନାହିଁ । ଅତ୍ୟାବଶ୍ୟକସ୍ଥଳେ ଯୁକ୍ତିସଙ୍ଗତ କାରଣ, ଦାବୀଦାରମାନଙ୍କ ମତାମତ, ସ୍ଥାନୀୟ ଗୋଷ୍ଠୀମାନଙ୍କର ପାରମ୍ପାରିକ ଅଧିକାର ତଥା ବ୍ୟବହାରିକ ଅଧିକାର ଇଚ୍ଛ୍ୟାଦିକୁ ଗୁରୁତ୍ୱ ଦିଆଯିବା ସହ ଉଦାହରଣମୂଳକ କ୍ଷତିପୂରଣ ଆଦାୟ କରାଯିବ । ଏହି ପ୍ରକ୍ରିୟାଟିକୁ କୌଣସି ଏକ ସ୍ୱାଧୀନ ତୃତୀୟ ଲୋକ ବା ଗୋଷ୍ଠୀ ଦ୍ୱାରା କାର୍ଯ୍ୟକାରୀ ତଥା ନିୟନ୍ତ୍ରିତ କରାଯାଉଥିବ । ଜଙ୍ଗଲଜମିକୁ ଅନ୍ୟ କାର୍ଯ୍ୟରେ ଯେପରି ସହଜରେ ବ୍ୟବହାର କରାଯାଇପାରିବ ନାହିଁ ସେଥିପାଇଁ ଏତେ ପରିମାଣର ରୂପାନ୍ତରିତ ଦେୟ ପ୍ରଦାନର ବ୍ୟବସ୍ଥା ହୋଇଥିବ ଯେ ଏ କାର୍ଯ୍ୟଟି ବେଶ

---

୧ ସତ୍ତ୍ୱାଧିକାର ଓ ପ୍ରଶାସନିକ ଦୃଷ୍ଟିକୋଣରୁ ପର୍ଯ୍ୟାୟଭୁକ୍ତ ଜଙ୍ଗଲ ଗୁଡ଼ିକର ବୃଦ୍ଧି ଓ କ୍ଷୟର ମାନକୁ ମାପିହେବ । ଜଙ୍ଗଲର ଘଞ୍ଚତା ଦୃଷ୍ଟିରୁ ପ୍ରାକୃତିକ ଜଙ୍ଗଲ ଓ ସୁରକ୍ଷିତ ଅଞ୍ଚଳଗୁଡ଼ିକୁ ଅଲଗା ପର୍ଯ୍ୟାୟଭୁକ୍ତ କରାଯାଇଛି । ଜଙ୍ଗଲର ଘନତ୍ୱ ଅବା ବୃକ୍ଷରାଜିର ଆଚ୍ଛାଦନକୁ ନିର୍ଣ୍ଣୟ କରାଯିବା ସମୟରେ ଉଦ୍ୟାନଭିତ୍ତିକ ବୃକ୍ଷରାଜିଗୁଡ଼ିକୁ ବାଦ୍ ଦିଆଯିବ ।

୨ **ସହରାଞ୍ଚଳ** - ଗୋଟିଏ ଛୋଟ ସରଳ 'ବୃକ୍ଷ ନିୟମର' ପ୍ରବର୍ତ୍ତନ ବ୍ୟାପକ ଗଛକଟାକୁ ରୋକିପାରେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଧିସମ୍ମତ ଭାବରେ ଆବଶ୍ୟକୀୟ ଗଛ କାଟିବାକୁ ଅନୁମତି ମଧ ଦେଇପାରେ ।

**ଗ୍ରାମାଞ୍ଚଳ** - ଗଛ ଲଗାଇବା, ବଢ଼ାଇବା ଓ ବିକ୍ରୀ କରିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଇଛି । ଘରୋଇ କାଠଗୁଡ଼ିକୁ ଏକ ସାଧରଣ ବିକ୍ରୀ ନିୟମର ଅନ୍ତର୍ଭୁକ୍ତ କରିବାଦ୍ୱାରା ପରିଚାଳନାଗତ ଖର୍ଚ୍ଚ କମ୍ କରାଯାଇପାରେ । ବୃକ୍ଷରୋପଣ ଓ ସଂରକ୍ଷଣକୁ ପ୍ରୋତ୍ସାହିତ କରିବାପାଇଁ ଲୋକଙ୍କୁ ଭୂମୀକରରେ ରିହାତି ଦେବାକୁ ହେବ ।

କଷ୍ଟକର ହୋଇଯିବ। କିନ୍ତୁ ଛୋଟ ଛୋଟ ବିକାଶ କାର୍ଯ୍ୟ ପାଇଁ ଜଙ୍ଗଲ ଜମିକୁ ବ୍ୟବହାର କରାଯିବା ପ୍ରକ୍ରିୟା ସହଜ ହେଉଥିବ ଓ ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁନଥିବ। ସହମତି ବା ସମସ୍ତେ ମାନୁଥିବା ଏକ ବ୍ୟବସ୍ଥା ବଳରେ ସ୍ଥାନୀୟ ଲୋକଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରାଯାଉଥିବ ।

## ୨. ନିରନ୍ତର ଜଙ୍ଗଲ ପରିଚାଳନା

### ୨.୧ ପରିଚାଳନା ଯୋଜନା ଏବଂ ଅଣୁ ଯୋଜନା[୩]:

ସମସ୍ତ ଜଙ୍ଗଲର ଏକ ବିଧିମାନ୍ୟ ପରିଚାଳନା ଯୋଜନା ରହିଥିବ । ସ୍ଥାନୀୟ ଜ୍ଞାନକୌଶଳରୁ ଏହି **ପରିଚାଳନା ଅବା କାର୍ଯ୍ୟକାରୀ** ଯୋଜନା ଓ ଅଣୁ ଯୋଜନାଗୁଡିକ ଯେଭଳିଭାବେ ଲାଭାନ୍ୱିତ ହେବ ସେଦିଗ ପ୍ରତି ମଧ୍ୟ ଦୃଷ୍ଟିଦିଆଯାଇଥିବ । ସେହିପରି ପରିଚାଳନା ଯୋଜନା ଓ ପରିଚାଳନା ପଦ୍ଧତି ମଧ୍ୟରେ ଯେପରି ତାଳମେଳ ରହିପାରିବ ସେଥିନିମନ୍ତେ ଆବଶ୍ୟକୀୟ ଦୃଷ୍ଟି ମଧ୍ୟ ଦିଆଯାଇଥିବ । ଏତଦ୍‌ବ୍ୟତିତ, ପରିବେଶୀୟ ସନ୍ତୁଳନ ଓ ସାମାଜିକ-ଅର୍ଥନୈତିକ, ସନ୍ତୁଳିତ ଏବଂ ପ୍ରତିଯୋଗିତାମୂଳକ ଉଦ୍ଦେଶ୍ୟ, ବିଭିନ୍ନ ବର୍ଗର ଆବଶ୍ୟକତା ଇତ୍ୟାଦି ମଧ୍ୟରେ ତାଳମେଳ ରହୁଥିବ । ତା ସହିତ ଗ୍ରହଣଯୋଗ୍ୟ ବନ ବିଜ୍ଞାନଗତ ପରିଚାଳନା ମଧ ହୋଇ ପାରୁଥିବ। ତେବେ ରାଜସ୍ୱ ବିଭାଗର ଜମି ଉପରେ ଥିବା ଜଙ୍ଗଲଗୁଡ଼ିକ ଏକ ନିରନ୍ତର ପ୍ରକ୍ରିୟାରେ ପରିଚାଳିତ ହେବା ପାଇଁ ଭିନ୍ନ ପ୍ରକାରର **ପରିଚାଳନା ଯୋଜନା** ଓ ଅଣୁଯୋଜନା ତିଆରି କରାଯାଇଥିବ[୪]।

---

୩ ସ୍ଥାନୀୟ ଆବଶ୍ୟକତାକୁ ଖାପ ଖୁଆଇ, କାର୍ଯ୍ୟକାରୀ ଯୋଜନାର ଆଇନ୍ ଓ ସଂରକ୍ଷିତ ଅଞ୍ଚଳର ପରିଚାଳନା ଯୋଜନାକୁ ସଂଶୋଧନ କରାଯିବ। ବିକାଶ ପ୍ରକ୍ରିୟାର ଯୋଜନାରେ ଗୋଷ୍ଠୀ ପ୍ରତିନିଧି, ବାହାର ବିଶେଷଜ୍ଞ ଓ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତ ଦିର୍ଘସ୍ଥାୟୀ ଜଙ୍ଗଲ ପରିଚାଳନା ନୀୟମାବଳୀ ଓ ମାନଦଣ୍ଡକୁ ସାମିଲ କରାଯିବ।

୪ ସହଭାଗୀ ଜଙ୍ଗଲ ପରିଚାଳନା ନମୁନାକୁ ଅଗ୍ରାଧିକାର ଦିଆଯିବ। ଏଥିରେ ମିଳିତ ଜଙ୍ଗଲ ପରିଚାଳନା, ଗୋଷ୍ଠୀ ଜଙ୍ଗଲ ପରିଚାଳନା ଓ ଗ୍ରାମ ଜଙ୍ଗଲ ସାମିଲ ରହିବ।

**୨.୨. ଜମିର ଦଲିଲ୍ ଓ ସୀମା ନିର୍ଦ୍ଧାରଣ[୫]:**

ସମସ୍ତ ଅଭିଲିଖିତ ଜଙ୍ଗଲଜମିଗୁଡିକର ସୀମା ନିର୍ଦ୍ଧାରଣ ହେବା ସହ ତାହାର ମାନଚିତ୍ରମାନ ପ୍ରସ୍ତୁତ ହୋଇସାରିଥିବ । ଜଙ୍ଗଲ ସଂମ୍ପର୍କୀତ ସମସ୍ତ ଦଲିଲ୍‌ଗୁଡିକର କମ୍ପ୍ୟୁଟରୀକରଣ ଏବଂ ତାହାର ଭୂ-ସୂଚନା (ଅବସ୍ଥିତି) ମଧ ହୋଇଥିବ । ଏହାଦ୍ୱାରା ସରକାରୀ ଜମି ଓ ଦଲିଲଭୁକ୍ତ ଜଙ୍ଗଲ ଜମି ତଥା ସତ୍ତ୍ୱାଧିକାର ସାବ୍ୟସ୍ତ କରିବାର ରେକର୍ଡ଼କୁ ସ୍ପଷ୍ଟଭାବରେ ଅଲଗା ଅଲଗା କରି ଦେଖି ହେଉଥିବ।

**୨.୩ ପର୍ଯ୍ୟାଲୋଚନା ଓ ମୂଲ୍ୟ ନିରୁପଣ[୬] :**

ଜଙ୍ଗଲ ନୀତିର ସାମାଜିକ ଓ ଅର୍ଥନୀତିକ ପ୍ରଭାବ ଏବଂ ସଂରକ୍ଷଣ ପାଇଁ କାର୍ଯ୍ୟକ୍ରମକୁ ବିଶେଷଜ୍ଞ ଓ ସାମାଜିକ ଅନୁଷ୍ଠାନମାନଙ୍କ ସହାୟତାରେ ସଠିକ ତଥା ଅନ୍ତରଷ୍ଟ୍ରୀୟ ସ୍ତରରେ ଗ୍ରହଣୀୟ ବୈଜ୍ଞାନୀକ ଉପାୟରେ ପର୍ଯ୍ୟାଲୋଚନ କରାଯାଉଥିବ ଓ ସମୟ ସମୟରେ ଏହି ପର୍ଯ୍ୟାଲୋଚନ ପରିଣାମ ବିଷୟରେ ତର୍ଜମା କରାଯାଇ ଆବଶ୍ୟକୀୟ ପରାମର୍ଶ ଦିଆଯାଉଥିବ।

**୨.୪ ନିୟନ୍ତ୍ରିତ ପୋଡୁଚାଷ[୭]:**

---

୫ ରାଜସ୍ୱ ବିଭାଗର ରେକର୍ଡ଼ର କମ୍ପ୍ୟୁଟରିକରଣ ସାରା ଦେଶରେ ଚାଲିଛି। ଏକ ପଥଦର୍ଶୀ ପ୍ରକଳ୍ପରେ (Pilot Project) ରାଜ୍ୟର ୬ଟି ତହସିଲ ଯଥା କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ବୋଲଗଡ଼, ସୋନପୁର ଓ ନରସିଂହପୁରକୁ ସାମିଲ କରାଯାଇଛି। ଏହି କାର୍ଯ୍ୟରେ ଅଗ୍ରଗତି ବିଭିନ୍ନ ଜଟିଳ ସମସ୍ୟା ଯଥା - ଭୂ ସ୍ୱତ୍ୱକୁ ନେଇ ବିବାଦ ଓ ଦାବିର ସମାଧାନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପ୍ରକ୍ରିୟାର ଜଟିଳତା ଓ ରାଜନୈତିକ ସ୍ଥିତିକୁ ଦୃଷ୍ଟିରେ ରଖି କମ ଜଟିଳ ଓ ଯେଉଁ ସମସ୍ୟାର ସମାଧାନ ଶୀଘ୍ର ହେବାର ସମ୍ଭାବନା ରହିଛି ତାକୁ ପ୍ରାଥମିକତା ଦେଇ ହାତକୁ ନେବାକୁ ଅଗ୍ରାଧିକାର ଦିଆଯିବ। ଏହା ସହିତ ଭୌଗୋଳିକ ତଥ୍ୟ ବ୍ୟବସ୍ଥା ଜରିଆରେ ସମସ୍ତ ଜଙ୍ଗଲ ପରିଚାଳନା ଓ କାର୍ଯ୍ୟକାରୀ ଯୋଜନାକୁ ପ୍ରାଥମିକତା ଦେଇ ସମ୍ପୂର୍ଣ୍ଣ କରାଯିବ। ଯଥାଯଥ ମାନଚିତ୍ର କରିବାର ଦକ୍ଷତା ବୃଦ୍ଧି ହେବ ଏବଂ ରାଜ୍ୟ ବ୍ୟାପି ଉପଗ୍ରହ ମାଧମରେ ନିଆଯାଇଥିବା ଫଟୋଚିତ୍ର ଏହାର ଭିତ୍ତିଭୂମି ସ୍ଥାପନ କରିବ।

ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ, ଜମି ମାଲିକାନା ଓ ଜମି ଉପରେ ଅଧିକାରକୁ ସ୍ପଷ୍ଟ କରିପାରିବ। ଏହା ଅଣ ସୀମା ନିର୍ଦ୍ଧାରିତ ରାଜସ୍ୱ ଜଙ୍ଗଲ ପାଇଁ ପ୍ରଯୋଜ୍ୟ ହେବ। ଏହା ମଧ ଜଙ୍ଗଲ ସୁରକ୍ଷାକାରୀ ଗୋଷ୍ଠୀଙ୍କ ପାଇଁ ପ୍ରଯୁଜ୍ୟ ହେବ (ସୀମା ନିର୍ଦ୍ଧାରଣ) । ଜଙ୍ଗଲ ବିଭାଗ ଓ ସ୍ଥାନୀୟ ଗ୍ରାମ୍ୟଗୋଷ୍ଠୀ ଦ୍ୱାରା ସୁରକ୍ଷିତ ସର୍ବସାଧାରଣ ଜଙ୍ଗଲକୁ ସୁରକ୍ଷା ଦେବାରେ ସାହାଯ୍ୟ କରିବ। ଆହୁରି ମଧ ସର୍ବସାଧାରଣ ଜମିର ସୀମା ନିର୍ଦ୍ଧାରଣ ପରୋକ୍ଷ ଭାବେ କାଠ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବ। ସୀମା ଚିହ୍ନଟ ଦ୍ୱାରା ସାମୁହିକ ଜଙ୍ଗଲର ମାଲିକାନା ସତ୍ତ୍ୱର ସ୍ପଷ୍ଟତା ଆଣିବା ସହିତ ସୀମାବର୍ତ୍ତି ବ୍ୟକ୍ତିଗତ ମାଲିକାନା ଥିବା ଜମି ସ୍ପଷ୍ଟ ହେବ। ଏହା କାଠ ଉତ୍ପାଦନ କରୁଥିବା ଚାଷୀକୁ ଘରୋଇ ଜମି ଏବଂ ସର୍ବ ସାଧାରଣ ଜଙ୍ଗଲରେ ନିୟନ୍ତ୍ରିତ ଅନୁମୋଦନ ଦ୍ୱାରା ସହଯୋଗ କରିବ।

୬ ଦୀର୍ଘ ମିଆଦି ପର୍ଯ୍ୟାଲୋଚନାର ମାନଦଣ୍ଡ ଯଥା- ଜଙ୍ଗଲ ଆବରଣ, ସମୃଦ୍ଧି ବଢ଼ିବା, ପୁନଃରୁଦ୍ଧାର, ଜୈବ ବିବିଧତା, ଝରଣା ଧାର ଇତ୍ୟାଦି ଦ୍ୱାରା ଜଙ୍ଗଲର ସ୍ଥିତି ଓ ପରିବେଶ ଉପରେ ନୀତିର ପ୍ରଭାବ ଜାଣିବାପାଇଁ ଏକ ବଳିଷ୍ଠ ସଂକେତକ ହୋଇପାରିବ। ସାମାଜିକ ଓ ଆର୍ଥିକ ପର୍ଯ୍ୟାଲୋଚନା ଦ୍ୱାରା ଲୋକଙ୍କ ଉପରେ ନୀତିର ପ୍ରଭାବ ଜଣାପଡ଼ିବ। ନିୟନ୍ତ୍ରୀତ ସମୀକ୍ଷା, ନାଗରିକ, ଗୋଷ୍ଠୀ ଏବଂ ନିୟନ୍ତ୍ରକମାନଙ୍କୁ ସହାୟତା କରିବା, ଏକ ଆନୁଷ୍ଠାନିକ ବ୍ୟବସ୍ଥା ଦ୍ୱାରା ସଭ୍ୟ ସମାଜର ମତାମତ ନିଆଯିବ ଯେଉଁଥିରେ ସେମାନେ ନୀତିର ପ୍ରଭାବକୁ ସମୀକ୍ଷା ଏବଂ ବିଭିନ୍ନ ସ୍ତରର ନୂଆ ନୀତି ନିର୍ଦ୍ଧାରଣରେ ଅଂଶୀଦାର ହେବେ (ଉଦାହରଣ ସ୍ୱରୁପ ଜଙ୍ଗଲ କାର୍ଯ୍ୟକାରୀ ଦଳ ଦ୍ୱାରା)। ବିଭାଗ ମଧରେ ଥିବା ସମସ୍ୟାର ସମାଧାନ ପାଇଁ ଅନ୍ତଃ-ବିଭାଗ ପର୍ଯ୍ୟାଲୋଚନା ବ୍ୟବସ୍ଥା ରହିବ। ବନୀକରଣର ସୁଫଳ ପର୍ଯ୍ୟାଲୋଚନା ଓ ଉତ୍ତର ଦାୟିତ୍ୱ ପାଇଁ ସ୍ଥାୟୀ ଚିହ୍ନଟିକରଣ ସଂଖ୍ୟା (Parmanent Identification Number) ରହିବ।

ଜଙ୍ଗଲ ଜମିର ନିରନ୍ତର ବ୍ୟବହାରକୁ ରୋକିବା ପାଇଁ ଦୀର୍ଘମିଆଦୀ ସୂତ୍ରରେ ବିକଳ୍ପ ଜୀବିକା ନିର୍ବାହର ପନ୍ଥା କାର୍ଯ୍ୟକାରୀ ହେଉଥିବ । ପୋଡୁଚାଷ କରୁଥିବା ସମସ୍ତ ଚାଷୀଙ୍କ ପାଖରେ ସେମାନଙ୍କ ଜମି ବ୍ୟବହାର କରିବା ପାଇଁ ଅଧିକାର ଥିବ । ଜଙ୍ଗଲ ଜମିର ସଂଜ୍ଞା ପରିଧି ମଧ୍ୟକୁ ଆସୁନଥିବା ଜମିଗୁଡ଼ିକରେ ଅର୍ଥାତ୍ ଅଣ-ଜଙ୍ଗଲ ଜମିଗୁଡ଼ିକରେ ପୋଡୁ ବହୁଳ ପରିମାଣରେ ଚାଷ ହେଉଥିବ ଅବା ସଂପୃକ୍ତ ଚାଷୀ ଅନ୍ୟ କୌଣସି ଜୀବିକା-ନିର୍ବାହର ପନ୍ଥା, ଯେପରିକି କଦଳୀ ବା ଅନ୍ୟାନ୍ୟ ଫଳ ଚାଷକୁ ଆଦରି ନେଇଥିବେ ।

**୨.୫ ଗବେଷଣା[୮] :**

ମିଳିତ ଗବେଷଣା ହିଁ ଗ୍ରହଣଯୋଗ୍ୟ ପରିଚାଳନା ପଦ୍ଧତି ସଂପର୍କରେ ସୂଚନା ଦେଇଥାଏ । ତେଣୁ ଗବେଷଣା କରିବା ସମୟରେ ସ୍ଥାନୀୟଗୋଷ୍ଠୀମାନଙ୍କୁ ସଂପୃକ୍ତ କରାଯାଉଥିବ । ଗବେଷଣା ମୁଖ୍ୟତଃ ଭାବେ ଜଙ୍ଗଲ-କୃଷି, ସହଭାଗୀ-ଜଙ୍ଗଲ ପରିଚାଳନା, ଜୈବବିବିଧତାର ସୁରକ୍ଷା, ତଥା ଅଣକାଷ୍ଠ ବନଜାତ ଦ୍ରବ୍ୟର ସଠିକ ପରିଚାଳନା ଉପରେ ହିଁ ପର୍ଯ୍ୟବେସିତ ହୋଇଥିବ । ବଂଶାନୁକ୍ରମ ବିକଶିତ ମଞ୍ଜିଗୁଡ଼ିକୁ ନେଇ ବୃକ୍ଷରାଜିର ବିକାଶ କରାଯିବ ଏବଂ ଥିବା ବୃକ୍ଷରାଜିର ସୁରକ୍ଷା କରାଯିବ ।

---

୭ ଅନ୍ୟସବୁ କରିବା ପୂର୍ବରୁ ପଟ୍ଟା ଦିଆଯିବ । ଯାହା ଛୋଟ ପୋଡୁ ଅଞ୍ଚଳରେ ଚାଷକୁ ପ୍ରଗାଢ଼ କରିବାରେ ସାହାଯ୍ୟ କରିବ । ଏହା ସହିତ, ଲିଜ ବ୍ୟବସ୍ଥା ଓ ପଟ୍ଟା କ୍ରୟ ଦ୍ୱାରା ଫେରେଇ ଆଣିବା ବ୍ୟବସ୍ଥା ରହିବ, ଯାହା ପଡ଼ିଆ ଓ ଅସ୍ଥାୟୀ ପୋଡୁଚାଷ ସ୍ୱେଚ୍ଛାକୃତ କରିବ ଓ ବଞ୍ଚିବାର ବିକଳ୍ପ ବ୍ୟବସ୍ଥା ଯୋଗାଇବାରେ ସହଯୋଗ କରିବ ।

୮ ସ୍ଥାନୀୟ ଏବଂ ବାହାର ବ୍ୟବହାରକାରୀଙ୍କର ଜଙ୍ଗଲଜାତ ଦ୍ରବ୍ୟ ଓ ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଙ୍ଗଲ ପରିଚାଳନା ହେବ ଯାହା ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନା ଅନୁଷ୍ଠାନ ପ୍ରତିଷ୍ଠାରେ ପ୍ରୋତ୍ସାହନ ଯୋଗାଇବ । ଉପଯୋଗୀ ଓ ସହଭାଗୀ ଜଙ୍ଗଲ ସଫା କରିବା କୌଶଳ, ଗ୍ରାମଗୋଷ୍ଠୀ ଆବଶ୍ୟକତାକୁ ଯୁଗ୍ମ ବନ ପରିଚାଳନା ଓ ଜଙ୍ଗଲ ପୁନରୁଦ୍ଧାରରେ ସହାୟକ ହେବ । ଏଥିପାଇଁ ଗବେଷଣା ଏବଂ ଗ୍ରାମଗୋଷ୍ଠୀ ଓ ବିଭାଗୀୟ କର୍ମଚାରୀ ମଧରେ ଆଲୋଚନା ଏବଂ ନୂତନତ୍ୱ ସନ୍ଧାନ ପାଇଁ ସ୍ୱାଧୀନତା ପାଇଁ ଆବଶ୍ୟକତା ରହିଛି ।

## ୩. କାଠ ଓ ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ:

### ୩.୧ ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ[୯]:

ବିଭିନ୍ନ ପ୍ରକାରର ଅଣକାଠ ବନଜାତ ଦ୍ରବ୍ୟକୁ ନିରନ୍ତର ଭାବରେ ଅମଳ କରାଯାଉଥିବ । ଯାହାକି ସ୍ଥାନୀୟ ଲୋକଙ୍କୁ ଖାଦ୍ୟ, ସ୍ୱାସ୍ଥ୍ୟ ସୁରକ୍ଷା, ରୋଜଗାର, ଆଜୀବିକା ଯୋଗାଇଦେବା ସହିତ ବିଭିନ୍ନ ଉଦ୍ୟୋଗ ମାଧ୍ୟମରେ ବ୍ୟବସାୟୀକ ଲାଭ ପହଞ୍ଚାଉଥିବ। ଫଳରେ ଏ କ୍ଷେତ୍ରରେ ଆଖି ଦୃଷ୍ଟିଆ ଭାବରେ ଉତ୍ପାଦନ ଓ ଆୟ ବହୁଗୁଣ ବଢ଼ିଥିବ। ଉତ୍ତମ ମାନର 'ପ୍ରମାଣ ପତ୍ର' ଓ ଉନ୍ନତ ମାନର ଉତ୍ପାଦନ କରାଯାଇ ରପ୍ତାନୀରୁ ଅଧିକ ଆୟ କରିବା ତଥା ପରିଚାଳନାକୁ ନିରନ୍ତର ଓ ସୁଦୃଢ଼ କରାଯାଇପାରିବ।

### ୩.୨ କାଠ ଯୋଗାଣ[୧୦]:

ଜଙ୍ଗଲ ସଂପଦ ବଢାଇବା ପାଇଁ ଅଧିକ ବିଜ୍ଞାନସମ୍ମତ ନିବେଶ ଏବଂ ଆଖିଦୃଶିଆ ଭାବେ ନିରନ୍ତର ଜଙ୍ଗଲ ପରିଚାଳନାର ବ୍ୟବସ୍ଥା ଓ ଉନ୍ନତ ଅମଳ ପ୍ରକ୍ରିୟା ଯୋଗୁଁ ଜଙ୍ଗଲରେ ଖୁବ ଉନ୍ନତ ମାନର କାଠ ଉତ୍ପାଦିତ ହୋଇ ସ୍ଥାନୀୟ ଲୋକଙ୍କର ତଥା କଳକାରଖାନାର ଅବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରୁଥିବ। ଅନ୍ୟ ସ୍ଥାନରୁ କାଠର ଆମଦାନୀ, ଘରୋଇ ଜମିରେ ବ୍ୟାପକ ବୃକ୍ଷରୋପଣ, କବାଟ ଆଦି ତିଆରିରେ ବ୍ୟବହୃତ ପ୍ୟାନେଲ୍ ଓ ବୋର୍ଡ଼ ଇତ୍ୟାଦିରେ ନିମ୍ନମାନର କାଠ ବା କାଠର ବିକଳ୍ପ ବ୍ୟବସ୍ଥା ବ୍ୟବହାର କରି ଜଙ୍ଗଲ ଉପରେ ପଡୁଥିବା ଚାପକୁ କମାଯାଇ ପାରିଥିବ।

---

୯ ଦୃଷ୍ଟାନ୍ତ ଅଧ୍ୟୟନ ଭିତ୍ତିକ ଗବେଷଣା, ଗ୍ରାମାଞ୍ଚଳ ପରିବାରମାନଙ୍କର ଅଣକାଷ୍ଠ ବନଜାତ ଦ୍ରବ୍ୟ ଉପରେ ଅଧିକ ନିର୍ଭରଶୀଳତା ସୂଚାଏ। କାଠ ଗଣ୍ଡି ଥରେ ମାତ୍ର ରୋଜଗାର ପ୍ରଦାନ କରୁଥିଲା ବେଳେ ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀୟମିତ ରୋଜଗାର ଦେଇଥାଏ। ଜୀବନଚକ୍ର, ଅମଳ ସ୍ତର ଓ ଅମଳପଦ୍ଧତି ଉପରେ ଗବେଷଣା, ଦୀର୍ଘସ୍ଥାୟୀ ଅମଳସ୍ତର ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଗ୍ରହଣୀୟ ଅମଳବ୍ୟବସ୍ଥା ଦ୍ୱାରା ଦୀର୍ଘ ମିଆଦୀ ବିସ୍ତୃତ ତଥ୍ୟ ଯୋଗାଇବ ଯାହା ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନାରେ ସହାୟକ ହେବ। ଅଣକାଷ୍ଠ ବନଜାତ ଦ୍ରବ୍ୟ ପରିଚାଳନାରେ ନୂତନତ୍ୱ, ଦୀର୍ଘସ୍ଥାୟୀ ମୂଲ୍ୟ ବୃଦ୍ଧିରେ ସହାୟକ ହେବ। ଏହା ବହୁପରିମାଣରେ ମିଳୁଥିବା ଅଣକାଷ୍ଠ ବନଜାଦ ଦ୍ରବ୍ୟ ତଥା ଜାଳେଣିକାଠ, ଗୋଖାଦ୍ୟ, (ଚରା ଓ କଟା ଯାଉଥିବା) କେନ୍ଦୁ, ଶାଳ, ଶିଆଳିପତ୍ର ଏବଂ ଅନ୍ୟାନ୍ୟ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ଉଦ୍ଦିଷ୍ଟ।

ନିୟନ୍ତ୍ରଣ ବିହିନ ବ୍ୟବସ୍ଥା କ୍ରେତା ଓ ବିକ୍ରେତା ସଂଖ୍ୟାରେ ବୃଦ୍ଧି ଘଟିବା ସହ କାରବାର ଜନିତ ଖର୍ଚ୍ଚ କମ୍ କରିବାରେ ସାହାଯ୍ୟ କରିବ । ଗୋଷ୍ଠୀମାନେ ବଜାରରୁ ଉଚିତ୍ ମୂଲ୍ୟ ପାଇବା ନିମନ୍ତେ ସ୍ୱୟଂ ସହାୟକ ଦଳ ଗଠନ କରିବେ । ଏହା ଦ୍ୱାରା ଗୋଷ୍ଠୀମାନେ ଶକ୍ତିଶାଳୀ ହେବା ସହ ଦୀର୍ଘସ୍ଥାୟୀ ଅମଳକ୍ଷମ ପରିଚାଳନା ପଦ୍ଧତିକୁ ଗ୍ରହଣ କରିବେ । ଉକ୍ତ ପରିଚାଳନା ପଦ୍ଧତିକୁ ସହାୟତା କରିବା ପାଇଁ ଜଙ୍ଗଲ ବିଭାଗ, ପଞ୍ଚାୟତ ଓ ସ୍ଥାନୀୟ ଜଙ୍ଗଲ ସୁରକ୍ଷାକାରୀ ଗୋଷ୍ଠୀମାନେ ଏକାଠି ହେବେ । ବଜାରର ବିକାଶ ଏବଂ ବଜାରର ଅସ୍ଥିରତାକୁ ହ୍ରାସ କରିବା ନିମନ୍ତେ ଏକ ସ୍ୱୟଂଶାସିତ ଏବଂ ସଭ୍ୟ-କେନ୍ଦ୍ରିକ ଅଣକାଷ୍ଠ ବନଜାତ ଦ୍ରବ୍ୟ ବୋର୍ଡ଼ ସହାୟକ ହେଉଥିବ । ଏହା ମଧ୍ୟ ଅସାଧୁ ବଜାରର ପ୍ରତିକୂଳାତ୍ମକ ପ୍ରଭାବ, ମୂଲ୍ୟ ଅସ୍ଥିରତାରେ ହ୍ରାସ ଏବଂ ଗୁଣାତ୍ମକମାନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ପ୍ରଶାସନିକ ଓ ଆର୍ଥିକ ସଂସ୍କାର ମାଧ୍ୟମରେ ରାଜ୍ୟର ଏକଚାଟିଆ ଅଧିକାର (Monopoly) କ୍ରମଶଃ ହ୍ରାସ ପାଇବ ଏବଂ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ (OFDC) ବଜାର ବ୍ୟବସ୍ଥାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

୧୦ ବିନିଯୋଗ, ମୂଲ୍ୟ ନିର୍ଦ୍ଧାରଣ, ଅମଳ ଏବଂ ବାଣିଜ୍ୟ ନୀତି ଉତ୍ତମ ଯୋଗାଣକୁ ସୁନିଶ୍ଚିତ କରେ ।

**୩.୩ କାଠ ଶକ୍ତି, ଶିଳ୍ପାୟନରେ ବ୍ୟବହୃତ କାଠ ଓ କାଠ ଚାହିଦାର ପରିଚାଳନା:**

ଜାଳେଣି କାଠର ବ୍ୟବହାରକୁ ରୋକିବା ନିମନ୍ତେ ଏଲ୍‌ପିଜି ଗ୍ୟାସ୍ ଏବଂ ଅନ୍ୟ ଅଣ-ପାରମ୍ପାରିକ ଶକ୍ତିର ସଦ୍‌ବିନିଯୋଗ କରାଯାଉଥିବ । କାର୍ଯ୍ୟଦକ୍ଷତା ବୃଦ୍ଧି ଘଟିଲେ ଶିଳ୍ପକ୍ଷେତ୍ରରେ ଉତ୍ପାଦନ ଅନୁପାତରେ କାଠର ବ୍ୟବହାର କମିଯାଏ। କାଠ ଓ ପୁନଃ ବ୍ୟବହୃତ କାଠ ଉତ୍ପାଦିତ ଜିନିଷକୁ ନିର୍ମାଣ ମୂଳକ ଅଧିକ ବ୍ୟବହାର କରି ପଦୂଷଣ ସୃଷ୍ଟି କରୁଥିବା ଇସ୍ପାତର ବ୍ୟବହାରକୁ କମ କରାଯାଇପାରେ। ଶିଳ୍ପ କ୍ଷେତ୍ରରେ କଞ୍ଚାମାଲ ରୂପେ କାଠର ବ୍ୟବହାର ପରିବର୍ତ୍ତେ ପରିବେଶ ଉପରେ କମ୍ ଖରାପ ପ୍ରଭାବ ପଡୁଥିବା ବିକଳ୍ପ ଭାବରେ କପା ମଣ୍ଡକୁ ବ୍ୟବହାର କରାଯାଇପାରେ।

**୩.୪ ଜୀବିକା ନିର୍ବାହ ପାଇଁ ଜଙ୍ଗଲର ବ୍ୟବହାର[୧୧] ଓ ଜୀବିକା :**

ଜଙ୍ଗଲରେ ରହୁଥିବା ସ୍ଥାନୀୟ ଲୋକମାନଙ୍କର ଜୀବିକା ନିର୍ବାହ ପାଇଁ (୧୯୮୮ର ଜଙ୍ଗଲ ନୀତି ଅନୁଯାୟୀ) କାଠ ଓ ଅଣକାଠ ବନଜାତ ଦ୍ରବ୍ୟ ଉପରେ ପ୍ରଥମ ଅଧିକାର ରହିଛି। ସ୍ଥାନୀୟ ଲୋକମାନଙ୍କର ଜୀବିକା ନିର୍ବାହର ଉକ୍ତ ଅଧିକାରଟିକୁ ସମାନ ଭାବରେ (ପୁରୁଷ/ମହିଳା ଉଭୟଙ୍କ ପାଇଁ) ମାନ୍ୟତା ଦିଆଯାଇଥିବ। ଉଭୟ ପରିଚାଳନା ଓ ଅଣୁ ଯୋଜନାରେ ଏହା ସ୍ଥାନ ପାଇଥିବ। ଲୋକମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଓ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ସମାନ ଓ ନିର୍ଦ୍ଦିଷ୍ଟ ଅଧିକାର ମିଳିଲେ ହିଁ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲଭିତ୍ତିକ ଜୀବିକା ପାଇଁ ଏହା ପ୍ରୋତ୍ସାହନ ଯୋଗାଇବା ସହିତ ସ୍ଥାୟୀ, ନିରନ୍ତର ଆଜୀବିକା ଯୋଗାଇ ଦେଇ ପାରିବ[୧୨]।

---

୧୧ **ଉଦାହରଣ** - ଉତ୍ତରାଞ୍ଚଳ ଓ ହିମାଳଚ ପ୍ରଦେଶରେ ସମସ୍ତ କାଠ ବଣ୍ଟନକୁ ଜାତୀୟ ଜଙ୍ଗଲନୀତି – ୧୯୮୮ ସହଯୋଗ କରେ

ଜୀବିକାର୍ଜ୍ଜନ ପାଇଁ ବନଜାତ ଦ୍ରବ୍ୟର ସଂଗ୍ରହ ଲୋକମାନଙ୍କୁ ଏକ ସାମାଜିକ ସୁରକ୍ଷା ପ୍ରଦାନ କରେ। ବିଶେଷକରି, ଅଣ-କୃଷି ଋତୁରେ ଖାଦ୍ୟ, ଗୋଖାଦ୍ୟ, ଜାଳେଣିକାଠ ଏବଂ ଅନ୍ୟାନ୍ୟ ପଦାର୍ଥ ଯୋଗାଇଦେଇ ଏହା ଗ୍ରାମୀଣ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରେ।

୧୨ ସଂଗ୍ରହକାରୀ ଓ ପ୍ରକ୍ରିୟାକରଣକାରୀମାନେ ମଜୁରିଭିତ୍ତିକ ସ୍ଥିତିରୁ ତାଙ୍କର ଦ୍ରବ୍ୟର ମୂଲ୍ୟ ପାଇବାର ସ୍ଥିତିକୁ ପହଞ୍ଚିବେ। ଏଥିରୁ ମିଳୁଥିବା ମୂଲ୍ୟ ସର୍ବନିମ୍ନ ମିଳୁଥିବା ମଜୁରୀ ସ୍ତରଠାରୁ ଅଧିକ ରହିବ। ଅତ୍ୟଧିକ ଶ୍ରମ ଆବଶ୍ୟକ କରୁଥିବା ଦ୍ରବ୍ୟ ଯାହାର ନିଜର ମୂଲ୍ୟ କମ୍, ଯଥା ଶାଳପତ୍ରକୁ ସୁରକ୍ଷା ଦିଆଯିବ। ଯେହେତୁ ଗରିବ ସଂଗ୍ରହକାରୀ ମାନେ ଚଳିବା ପାଇଁ ଏଥିରେ ନିର୍ଭର କରନ୍ତି ଓ ତାଙ୍କ ପାଖରେ ଅନ୍ୟ ଜୀବିକାର ପନ୍ଥା କମ୍ ଅଛି।

### ୩.୫ ବନଜାତ ଦ୍ରବ୍ୟର ଗୁଣାତ୍ମକ ମାନ ବର୍ଦ୍ଧନ[୧୩] ଏବଂ ଜଙ୍ଗଲଭିତ୍ତିକ ବ୍ୟବସାୟ:

ଅଣକାଠ ବନଜାତ ଦ୍ରବ୍ୟ, ଔଷଧୀୟ ଗୁଳ୍ମ ଓ କାଠକୁ କେବଳ ଗଚ୍ଛିତ କରି ବିକ୍ରୀବଟା ପାଇଁ ପ୍ରସ୍ତୁତ କରିବା ଅପେକ୍ଷା ସେଗୁଡ଼ିକର ଗୁଣାତ୍ମକ ମାନରେ ବିକାଶ କରାଯାଉଥିବ। ଫଳତଃ ଗରିବ ସଂଗ୍ରହକାରୀ ଓ ପ୍ରସ୍ତୁତକାରୀଙ୍କ ଆୟ ବଢ଼ିବା ସଂଗେ ସଂଗେ ପୁରା ଜଙ୍ଗଲ କ୍ଷେତ୍ରରୁ ବାର୍ଷିକ ଆୟର ପରିମାଣ ବଢ଼ିପାରିବ । ଜଙ୍ଗଲାଞ୍ଚଳରେ ବାସ କରୁଥିବା ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି, ସୁରକ୍ଷିତ ଗୋଦାମ ସ୍ଥାନ ସୃଷ୍ଟି, ଆନୁଷ୍ଠାନିକ ଋଣ ସୁବିଧା ଓ ବିକଳ୍ପ ବଜାରର ସୃଷ୍ଟି ହୋଇପାରିଲେ ବନଜାତ ଦ୍ରବ୍ୟକୁ ନେଇ ବ୍ୟବସାୟ କରିବା ସମ୍ଭବ ହୋଇପାରିବ। ମାଲ୍ ପରିବହନ ପାଇଁ ସରଳ ନିୟମକାନୁନ୍ ବ୍ୟବସାୟର ଉନ୍ନତିରେ ସାହାଯ୍ୟ କରିବ।

## ୪. ଜୈବ ବିବିଧତା ସଂରକ୍ଷଣ ରଣନୀତି

### ୪.୧ ଜୈବ ବିବିଧତା[୧୪]:

ଜଣାଶୁଣା ଓ ପ୍ରମୁଖ ଉଦ୍ଭିଦ ପ୍ରଜାତି/ ପଶୁପକ୍ଷୀ ବାସସ୍ଥଳୀଗୁଡ଼ିକ ବନ୍ୟଜୀବ ବିଭାଗ/ ଗବେଷଣା ସଂସ୍ଥାର ସହଯୋଗରେ ଗୋଷ୍ଠୀଭିତ୍ତିକ ଦୀର୍ଘସ୍ଥାୟୀ ପରିବେଶ ପରିଚାଳନା ଦ୍ୱାରା ଜୈବ ବିବିଧତାର ସଂରକ୍ଷଣ କରାଯାଉଥିବ। ଜଣାଶୁଣା ଉଦ୍ଭିଦ ପ୍ରଜାତିଗୁଡ଼ିକ ବଞ୍ଚିରହିବେ, ନୂଆ ପ୍ରଜାତିର ଆବିଷ୍କାର ହେଉଥିବ ଓ କୌଣସି ପ୍ରଜାତିକୁ ଆଉ ବିଲୁପ୍ତ ହେବାକୁ ଦିଆଯାଉନଥିବ ବରଂ ବିଲୁପ୍ତ ହୋଇଯାଇଥିବା ଉଦ୍ଭିଦ/ବନ୍ୟଜୀବ ପୁଣି ଫେରି ଆସିଥିବେ। ଓଡ଼ିଶାର ଜୈବ ବିବିଧତାର ଏକ ବିସ୍ତୃତ ତାଲିକା ହୋଇଥିବ।

---

୧୩ କଞ୍ଚାମାଲ ଯୋଗାଣ ବୃଦ୍ଧି କରାଯିବା ସହିତ ତା'ର ନିୟନ୍ତ୍ରଣ କୋହଳ କରାଯିବ (Unshockled)। ନିୟନ୍ତ୍ରିତ ପରିବେଶକୁ ଯୁକ୍ତି ସଂଗତ କରାଯିବ ଯାହା ଦ୍ୱାରା ଅଣୁ, ଛୋଟ ଓ ମଧମ ବ୍ୟବସାୟୀକ ସଂସ୍ଥାର ଆରମ୍ଭ ଓ କାର୍ଯ୍ୟକ୍ଷମରେ ସହାୟତା ପ୍ରଦାନ କରିବ। ଆବଶ୍ୟକ ବିନିଯୋଗ, ନିଯୁକ୍ତି ଓ ଆୟର ବୃଦ୍ଧିପାଇଁ ପରିବେଶ ଜନିତ ଉଦ୍‌ବେଗ ଓ ଅତ୍ୟଧିକ ଅମଳର ଭୟ ମଧରେ ସନ୍ତୁଳନ ରକ୍ଷା କରାଯିବ। ସରକାରଙ୍କର ନୀତି ଯଥା ଶାଳମଞ୍ଜି, କରତକଳ, ବାଉଁଶ, ମଣ୍ଡ ଏବଂ କାଗଜ ନୀତିରେ ଦୃଢ଼ ଏବଂ ଅବିଚଳିତ ରହିବ । କଞ୍ଚାମାଲ ଯୋଗାଣରେ ସରକାର ଆର୍ଥିକ ସାହାଯ୍ୟ ରଖିବେ ନାହିଁ ଯାହା ଘରୋଇ ଉତ୍ପାଦନକାରୀମାନଙ୍କୁ କମ୍ ମୂଲ୍ୟ ନିର୍ଦ୍ଧାରଣ - କରିବାରେ ସାହାଯ୍ୟ କରୁଥିବ।

୧୪ ଓଡ଼ିଶା ଜଙ୍ଗଲ ବିଭାଗ ଜଙ୍ଗଲ ପରିଚାଳନାର ଠିକଣା ସ୍ତରରେ ବିଶେଷତ୍ୱ ଆଣିପାରିବ। Wildlife Institute of India, Salim ali Centre for Ornithology (SACON) ପ୍ରଭୃତିଙ୍କ ସହଯୋଗରେ ଏକ ସହଭାଗୀ କର୍ମ ଗବେଷଣା କାର୍ଯ୍ୟକ୍ରମକୁ ଆଗେଇନେବ।

## ୪.୨ ସୁରକ୍ଷିତ ଅଞ୍ଚଳ[୧୫]:

ବ୍ୟାପକ ଅଞ୍ଚଳ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ଅର୍ନ୍ତଭୁକ୍ତ ହୋଇଥିବ । ସୁରକ୍ଷିତ ଅଞ୍ଚଳ ମଧ୍ୟରେ ଗୋଷ୍ଠୀ ସଂରକ୍ଷିତ ଅଞ୍ଚଳ ରହିଥିବ । ସୁରକ୍ଷିତ ଅଞ୍ଚଳ ବହୁ ଗୁରୁତ୍ୱପୂର୍ଣ୍ଣ ତଥା ଜୈବ ପ୍ରଜାତିର ପ୍ରାକୃତିକ ବାସସ୍ଥଳୀ ହୋଇଥାଏ । ଏହାର ସୁରକ୍ଷା ଓ ସୁପରିଚାଳନା କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବ । ଏହା ସହିତ  ଗୋଷ୍ଠୀଭିତ୍ତିକ ପରିବେଶ ପର୍ଯ୍ୟଟନ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରି ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣି ପାରୁଥିବ ।

## ୪.୩ ସୁରକ୍ଷିତ ଅଞ୍ଚଳର ବାହାରେ ସଂରକ୍ଷଣ[୧୬]:

କେବଳ ସୁରକ୍ଷିତ ଅଞ୍ଚଳ ନୁହେଁ, ଚାଷଜମି, ସମସ୍ତ ଜଙ୍ଗଲ ଅଞ୍ଚଳ, ପବିତ୍ର ବା ଧାର୍ମିକ ସ୍ଥଳ ଭାବରେ ବିଚାର କରାଯାଉଥିବା ତୋଟା, ସନ୍ତସନ୍ତିଆ ଅଞ୍ଚଳ ଓ ଉପକୂଳ ଅଞ୍ଚଳରେ ବି ଏକ ସଙ୍ଗେ ଜୈବ ବିବିଧତାର ସଂରକ୍ଷଣ କରାଯାଇ ପାରୁଥିବ। ସଂରକ୍ଷିତ ଅଞ୍ଚଳ ବାହାରେ ବନ୍ୟଜୀବ ଓ ମଣିଷ ଭିତରେ ଘଟୁଥିବା ବିବାଦ ଓ ସଂଘର୍ଷକୁ କମ କରାଯାଇ ଥିବ । ପବିତ୍ର ତୋଟାଗୁଡ଼ିକର ଚିହ୍ନଟିକରଣ କରାଯାଇ ସେଗୁଡିକୁ ଗୋଷ୍ଠୀ ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇଥିବ ।

## ୪.୪ ପ୍ରାଣୀ ଉଦ୍ୟାନ/ ଉଦ୍ଭିଦ ଉଦ୍ୟାନ / ବୃକ୍ଷ ଉଦ୍ୟାନର ସୃଷ୍ଟି :

ଜୀବଜନ୍ତୁ ଓ ବୃକ୍ଷଲତାର ନୂଆ ସୃଷ୍ଟି ଓ ସଂରକ୍ଷଣ ପାଇଁ କେବଳ ଯେ ପ୍ରାଣୀ /ଉଦ୍ଭିଦ / ବୃକ୍ଷାଦି ଉଦ୍ୟାନର ସୃଷ୍ଟି କରାଯାଉଥିବ ବା ତା'ଉପରେ ଗବେଷଣା କରାଯାଉଥିବ ତାହା ନୁହେଁ, ସେଗୁଡ଼ିକ ମଧ ଜନସାଧାରଣଙ୍କୁ  ଜଙ୍ଗଲ ସଂରକ୍ଷଣର ଶିକ୍ଷା ଓ ମନୋରଞ୍ଜନ ପାଇଁ ଯଥେଷ୍ଟ ବ୍ୟବସ୍ଥା କରୁଥବେ ।

---

୧୫ ରାଷ୍ଟ୍ରୀୟ ଉଦ୍ୟାନ ଓ ଅଭୟାରଣ୍ୟ ସବୁ ବିକାଶ ଓ ବେଆଇନ ଚାପରୁ ବଞ୍ଚିପାରିବ। ମଧ୍ୟବର୍ତ୍ତୀ  ଓ ତଟ ଅଞ୍ଚଳରେ ବସବାସ କରୁଥିବା ଗୋଷ୍ଠୀମାନେ ସଳଖ ଭାବେ ଜୈବ ବିବିଧତାର ସଂରକ୍ଷଣରୁ ଲାଭବାନ ହେବେ ଓ ତାହା ପାଇବାପାଇଁ ଦୃଢ଼ ନିହିତ ସ୍ୱାର୍ଥ ବା ଇଚ୍ଛା ରହିବ। ସଂରକ୍ଷିତ ଅଞ୍ଚଳ ସବୁକୁ ପରିମାର୍ଜିତ ଓ ଯୁକ୍ତିଯୁକ୍ତ କରାଯାଇ ଗୋଷ୍ଠୀ ସଂରକ୍ଷିତ ଜଙ୍ଗଲ ଇତ୍ୟାଦିର ସ୍ଥାନ ରହିବ। ମନୁଷ୍ୟ ଓ ବନ୍ୟଜନ୍ତୁ ମଧରେ ବିବାଦର ମୂଳ କାରଣ ସବୁ ଗବେଷଣା ମାଧମରେ ଯେତେଦୂର ସମ୍ଭବ ଦୂର କରାଯିବ। କ୍ଷତିପୁରଣ ମାମଲା ସବୁ ଅଗ୍ରାଧିକାର ଦେଇ ସମାଧାନ କରାଯିବ। ଅଣ-ଉପଭୋଗି ବ୍ୟବହାର ଯଥା ପରିବେଶ ପର୍ଯ୍ୟଟନ ଦ୍ୱାରା ଉଭୟ ଯଥା: ଉଦ୍ୟାନ ପରିଚାଳନା ଓ ସ୍ଥାନୀୟ ଗୋଷ୍ଠୀମାନେ ଉପକୃତ ହେବେ । ଅର୍ଥାତ୍ ପରିବେଶ ପର୍ଯ୍ୟଟନ ଆୟର ଏକ ଉତ୍ସ ସାଜିବ ଏବଂ ତଦ୍ୱାରା ଶିକାରୀମାନଙ୍କ ଗତିବିଧିକୁ କମେଇ ଦିଆଯାଇ ପାରିବ। ଶାରୀରିକ ଓ ଯାନ୍ତ୍ରିକ ଭିତ୍ତିଭୂମି ଦ୍ୱାରା କର୍ମଚାରୀମାନଙ୍କର କଳକୌଶଳର ବୃଦ୍ଧି  ହେବ । ଦୀର୍ଘମିଆଦୀ ମିଳିତ ଗବେଷଣା ଦ୍ୱାରା ଜନସଂଖ୍ୟା ଓ ସଠିକ୍ ନୀତି ପ୍ରଣୟନ କ୍ଷେତ୍ରରେ ସହଯୋଗ କରିବ ।

୧୬ ଶିକାର ଉପରେ ନିଷେଧାଜ୍ଞା ରହିବ। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନ୍ତର୍ଗତ ଝମଷରୟଙ୍କକ୍ଷର  ୧ରେ ସ୍ଥାନ ପାଇଥିବା ଜନ୍ତୁ (ଯଥା ବାଘ ଓ ହାତୀ)କୁ ମାରିବାର କ୍ଷମତା ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କର ପାଖରେ ନ୍ୟସ୍ତ ରହିବ। ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା କ୍ଷତି ଯଥା ଗୃହ ପାଳିତ ପଶୁପକ୍ଷୀ, ଫସଲ ନଷ୍ଟ ବା ମନୁଷ୍ୟ ଜୀବନ ପାଇଁ ତୁରନ୍ତ କ୍ଷତିପୁରଣର ବ୍ୟବସ୍ଥା ଯଥା ସମ୍ଭବ ହେବ।

## ୫.୦ ସ୍ଥାନୀୟ ଶାସନ ଓ ସହଭାଗୀ ଜଙ୍ଗଲ ପରିଚାଳନା

### ୫.୧ ମିଳିତ ଜଙ୍ଗଲ ପରିଚାଳନା[୧୭] :

ଗ୍ରାମବାସୀମାନେ ଯେପରି ଭଲଭାବରେ ଜଙ୍ଗଲ ସୁରକ୍ଷା କରିପାରିବେ ଏବଂ ଜୀବିକାର ଆବଶ୍ୟକତାକୁ ମେଣ୍ଟାଇ ପାରୁଥିବେ, ସେଥିପାଇଁ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥିବ । ଅର୍ଥାତ୍ ଗ୍ରାମବାସୀମାନଙ୍କର ଉଦ୍ୟମକୁ ଆଇନଗତ ସ୍ୱୀକୃତି ମିଳିଥିବ । ମିଳିତ ଜଙ୍ଗଲ ପରିଚାଳନାର ବ୍ୟାପକଛାରେ ବୃଦ୍ଧି ପାଇଥିବ ।

### ୫.୨ ଜଙ୍ଗଲ ସତ୍ତ୍ୱ[୧୮] :

ଅଣଜଙ୍ଗଲ କାର୍ଯ୍ୟରେ ଜଙ୍ଗଲଜମିର ଦିଶାହୀନ ବ୍ୟବହାରକୁ ସୀମିତ ରଖିବା ପାଇଁ ଜଙ୍ଗଲ ସତ୍ତ୍ୱ ସୁରକ୍ଷା ପ୍ରଦାନ କରୁଥିବ । ଅପରପକ୍ଷରେ, ନିର୍ଦ୍ଦିଷ୍ଟ ଓ ସଠିକ୍ ସ୍ୱତ୍ତ୍ୱାଧିକାର ଜଙ୍ଗଲ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକମାନଙ୍କୁ ଜଙ୍ଗଲ ସୁରକ୍ଷା ଓ ଏହାର ନିରନ୍ତର ବ୍ୟବହାର ପାଇଁ ପ୍ରୋତ୍ସାହନ ଯୋଗାଇଥିବ ।

---

୧୭ ଜନବସତି ପାଖରେ ଜଙ୍ଗଲର ଅର୍ଥ ହେଉଛି, ଗ୍ରାମବାସୀମାନେ ତାହାର ରକ୍ଷଣାବେକ୍ଷଣ କରୁଛନ୍ତି । ସାଧାରଣତଃଭାବେ ଏହି ରକ୍ଷଣାବେକ୍ଷଣ କାର୍ଯ୍ୟରେ ବନ ବିଭାଗ ସହାୟତା ପ୍ରଦାନ କରିଥାଏ । ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଜଙ୍ଗଲ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ସ୍ୱୀକୃତି ମିଳିଥିବ । ଜଙ୍ଗଲ ସୁରକ୍ଷାରେ ଗ୍ରାମଗୋଷ୍ଠୀମାନଙ୍କୁ ଅର୍ନ୍ତଭୁକ୍ତ କରିବା ନିମନ୍ତେ ଓଡ଼ିଶାରେ ଅନୁକୂଳ ପରିସ୍ଥିତି ଓ ସାମର୍ଥ୍ୟ ରହିଛି । ଏହାର ଏକ ନିଛକ ଉଦାହରଣ ହେଉଛି, ଓଡ଼ିଶାରେ ଜଙ୍ଗଲ ସୁରକ୍ଷାରେ ଅର୍ନ୍ତଭୁକ୍ତ ହୋଇଥିବା ଗ୍ରାମସଂଖ୍ୟା ଓ ସେମାନଙ୍କ ସଂଗଠନ । ବିଭିନ୍ନ ଜଙ୍ଗଲ ଯଥା ଗ୍ରାମ୍ୟ ଜଙ୍ଗଲ, ଯୁଗ୍ମ ଜଙ୍ଗଲ ପରିଚାଳନା ଓ ଗୋଷ୍ଠୀ ଜଙ୍ଗଲ ପରିଚାଳନାଗୁଡ଼ିକୁ ପରିବର୍ତ୍ତନୀୟ ଢ଼ାଞ୍ଚାରେ ରଖାଯିବ ଯାହାଦ୍ୱାରା ବିଭିନ୍ନ କିସମର ଜାଗାରେ ଗଢ଼ି ଉଠିଥିବା ଜଙ୍ଗଲ ସ୍ୱୟଂ ଶାସିତ ହୋଇପାରିବେ । ଗୋଷ୍ଠୀଙ୍କର ସ୍ୱୟଂ ଶାସନ ସ୍ଥାପନ ନିମନ୍ତେ ଯୁଗ୍ମ ଜଙ୍ଗଲ ପରିଚାଳନା ଏକ ମାଧମ ସାଜିବ ।

୧୮ ସତ୍ତ୍ୱାଧୀକାର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟର ଜଙ୍ଗଲ ଭିତରେ ପରିଚାଳନାଗତ ପରିବର୍ତ୍ତନକୁ ଅନୁମୋଦନ କରେ । ପତିତ ଜମିରେ ବୃକ୍ଷରୋପଣ, ପତିତ ଜମିରେ ତୃଣରୋପଣ, ବୃକ୍ଷରୋପଣରୁ ବିବିଧ ପ୍ରାକୃତିକ ଜଙ୍ଗଲ ଇତ୍ୟାଦି ବନ୍ଦୋବସ୍ତ ପ୍ରକ୍ରିୟା ଓ ସହଭାଗୀ ଜଙ୍ଗଲ ପରିଚାଳନା ନୀୟମାବଳୀ, ସ୍ଥାନିୟ ଲୋକଙ୍କର ରୟତି ସ୍ୱତ୍ୱର ସୁରକ୍ଷା ଓ ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନାକୁ ସହଯୋଗ କରିବ । ଉଦାହରଣ ସ୍ୱରୁପ ଓଡ଼ିଶାର ୨୯୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମରେ ପରିସୀମାରେ ଯେଉଁଠି ଜଙ୍ଗଲ ଅଞ୍ଚଳ ପଞ୍ଜିକୃତ ହୋଇଛି ସେଠାରେ ଗ୍ରାମ୍ୟ ଜଙ୍ଗଲ ରାଜସ୍ୱ ଜମିରେ ରହିପାରିବ । ନିମ୍ନଲିଖିତ ରୟତି ବ୍ୟବସ୍ଥା ରହିବ

୧. ଜଙ୍ଗଲ ଏବଂ ଘାସ ଥିବା ଜମି କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ବଦଳେଇବାରେ କଟକଣା ରହିବ ।
୨. କାଷ୍ଠ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ ଜୀବିକା ନିର୍ବାହ ପାଇଁ ବ୍ୟବହାର କରିପାରିବେ ।
୩. କାଠଗଣ୍ଡି ବ୍ୟବହାର ସରକାର ହିଁ କରିପାରିବେ ।
୪. ଗ୍ରାମଗୋଷ୍ଠୀଙ୍କୁ କାଠଗଣ୍ଡି ଅମଳ କରିବାର ନିଷ୍ପତ୍ତି ନେବାରେ ସୁଯୋଗ ଦିଆଯିବ ଏବଂ କାଠଗଣ୍ଡିରୁ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟରୁ ରୋଜଗାରରେ ତାଙ୍କର ଅଧିକାର ରହିବ ।
୫. ପରିବେଶଗତ ସେବା ପାଇବାପାଇଁ ଅଧିକାର ରହିବ ।
୬. ପୋଡୁଚାଷକୁ ସ୍ୱତନ୍ତ୍ର ସର୍ତ୍ତରଖି ସୁଯୋଗ ଦିଆଯିବ ।

### ୫.୩ ନୀତିନିୟମ ଓ ପଦ୍ଧତି[୧୯] :

ନୀତିନିୟମ ଓ ପଦ୍ଧତିଗୁଡ଼ିକ ଅତି ସ୍ପଷ୍ଟ, ସ୍ୱଚ୍ଛ ଓ କାର୍ଯ୍ୟକାରୀ ହୋଇପାରୁଥିବା ଭଳି ହୋଇଥିବ ଓ ଏହାଦ୍ୱାରା ପଡୁଥିବା ପ୍ରଭାବଗୁଡ଼ିକୁ ସମୟକୁ ସମୟ ସମୀକ୍ଷା କରିବାସହ ନୀତିନିୟମରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଥିବ । ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା କଥାଟି ଯଥାସମ୍ଭବ କମ ହୋଇଥିବ ।

### ୫.୪ ପଞ୍ଚାୟତ[୨୦] ଓ ସ୍ଥାନୀୟ ସଂସ୍ଥାଗୁଡ଼ିକର ଭୂମିକା :

ଲୋକଙ୍କ ଦ୍ୱାରା କରାଯାଉଥିବା ସହଭାଗୀ ଜଙ୍ଗଲ ପରିଚାଳନାକୁ ଗ୍ରାମପଞ୍ଚାୟତ ସକ୍ରୀୟ ଭାବେ ସମର୍ଥନ କରିବା ସହିତ ଏହି କାର୍ଯ୍ୟ କରିବା ପାଇଁ ଉତ୍ସାହ ପ୍ରଦାନ କରୁଥିବ ତଥା ସହଭାଗିତାରେ ନିଜେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ହୋଇଥିବ। ଏହା ସହିତ କୌଣସି ଦ୍ୱନ୍ଦ୍ୱ ଉପୁଜିଲେ ତାର ସମାଧାନ କରୁଥିବ ଓ ଏ ସମସ୍ତ କଥାକୁ ନେଇ ଲୋକଙ୍କ ହିତ ନିମନ୍ତେ ସରକାରଙ୍କ ସହିତ ଆଲୋଚନା କରୁଥିବ। ସେହିପରି କୌଣସି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ସ୍ଥାନୀୟ ସଂସ୍ଥା ବିଶେଷ କରି ଜନସଂଗଠନଗୁଡ଼ିକର ଭୂମିକାକୁ ଏହା ଅଧିକରୁ ଅଧିକ ଉତ୍ସାହିତ କରୁଥିବ ଓ ମାନ୍ୟତା ମଧ ଦେଉଥିବ।

### ୫.୫ ସ୍ୱୟଂ ସହାୟକ ଦଳଗୁଡ଼ିକ ସହିତ ସମ୍ପର୍କ :

ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ତୃଣମୂଳ ବା ତଳ ସ୍ତରରୁ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଜବୁତ କରିବା ସହିତ ଗ୍ରାମ ସ୍ତରରେ ମିଳିମିଶି ସହଭାଗୀ ସୂତ୍ରରେ ଜଙ୍ଗଲ ପରିଚାଳନା କରୁଥିବା କମିଟିଗୁଡ଼ିକୁ ସଜୀବ, ସ୍ପଷ୍ଟବାଦୀ କରାଇବା ସହିତ ଗରିବ ଲୋକମାନଙ୍କର ସ୍ୱାର୍ଥର ସୁରକ୍ଷା ପାଁଇ କାମ କରିଥାଏ।

---

୧୯ ଏଗୁଡ଼ିକ ବିଭିନ୍ନ ଭାଷାରେ (ଯଥା ଇଂରାଜୀ ଓ ଓଡ଼ିଆ ଭାଷାରେ) ଇଣ୍ଟରନେଟ୍ ମାଧମରେ ମିଳିପାରିବ ଏବଂ ବନ ବିଭାଗ ଓ ଅନ୍ୟ ସ୍ଥାନରୁ ମଧ ଛପା ଆକାରରେ ମିଳି ପାରିବ। ନିୟମାବଳୀଗୁଡ଼ିକର ନିୟନ୍ତ୍ରକ ବୋଝ ନୀୟନ୍ତ୍ରକ ଓ ନିୟନ୍ତ୍ରଣକାରୀଙ୍କ ଦୃଷ୍ଟିକୋଣରୁ ସମୀକ୍ଷା କରାଯିବ। ସେଗୁଡ଼ିକ ସହଭାଗୀ ପ୍ରକ୍ରିୟାରେ ତାହାର ବିକାଶ କରାଯିବ ଏବଂ ସର୍ବସାଧାରଣଙ୍କର ମତାମତ ଏବଂ ଜନଶୁଣାଣୀ ମାଧମରେ ଅନୁମୋଦିତ ହେବ।

ଯେଉଁ ଯେଉଁ ନିୟମାବଳୀର ସ୍ପଷ୍ଟତା ଦରକାର ପଡ଼ିବ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ ସମ୍ପାଦନାରେ ଯେଉଁ ବିଭିନ୍ନତା ରହିବ, ତାହାର ନିମ୍ନଲିଖିତ ଉଦାହରଣ ହେଲା

- କିଛି ବନଖଣ୍ଡରେ କାଠଗଣ୍ଡି ଚାଷୀ ଅମଳ କରିପାରିବେ ଓ କିଛି ଅଞ୍ଚଳରେ ଏହା ଉପରେ କଟକଣା ରହିବ।
- ଏକାଧିକ ଗ୍ରାମକୁ ନେଇ ବନ ସଂରକ୍ଷଣ ସମିତି ଗୋଟିଏ ସର୍କଲରେ କରାଯାଇପାରିବ କିନ୍ତୁ ଏହାକୁ ସବୁ ସର୍କଲରେ ପ୍ରୋତ୍ସାହନ ଦିଆଯିବ ନାହିଁ।
- ବହୁ ଅଞ୍ଚଳରେ ନାଏବ ସରପଞ୍ଚ ବନ ସଂରକ୍ଷଣ ସମିତିର ମୁଖ୍ୟ ଅଟନ୍ତି କିନ୍ତୁ ଅନ୍ୟ ସ୍ଥାନରେ ସ୍ଥାନୀୟ ନେତା ଅଧକ୍ଷ ଅଟନ୍ତି।
- ବନ ସଂରକ୍ଷଣ ସମିତି ସହିତ ଚୁକ୍ତିନାମାରେ (ଗକ୍ଟଟ) ବିଭିନ୍ନତା ରହିବ।
- ବନ ସଂରକ୍ଷଣ ସମିତି ଜଙ୍ଗଲରେ ବାଉଁଶ ଅମଳ ବଣ୍ଟନ କରିବାରେ ସ୍ପଷ୍ଟତା ନାହିଁ।
- ବାଉଁଶ କାରିଗରମାନେ ଗୋଟେ ଦି ବର୍ଷର ବାଉଁଶ ଦରକାର କରିଥା'ନ୍ତି କିନ୍ତୁ ଯେଉଁ ଅଞ୍ଚଳରେ ବାଉଁଶ ପରିଚାଳନା ହୁଏ ସେଠି ଚାରିବର୍ଷ ଅନ୍ତରରେ ବାଉଁଶ ଅମଳ କରାଯାଏ।

୨୦ ପଞ୍ଚାୟତ ସବୁ ତାଙ୍କର ଧରାବନ୍ଧା ଠିକାଦାର ଭୂମିକା ପରିବର୍ତ୍ତନ କରିଛନ୍ତି ଯାହା ଦ୍ୱାରା ତିନି ସ୍ତରୀୟ ଶାସନକାଳର ଦାୟୀତ୍ୱକୁ ତୁଲେଇବାରେ ସାହାଯ୍ୟ କରିଛି।

ଏହା ମଧ ଅନ୍ୟାନ୍ୟ ପଞ୍ଚାୟତ, ସମ୍ବନ୍ଧିତ ସରକାରୀ ବିଭାଗ, ତଥା ପଞ୍ଚାୟତର ବିଭିନ୍ନ ଜିନିଷ ବିକ୍ରୟ ପାଇଁ ବଜାର ସହ ଯୋଗାଯୋଗ କରାଇ ଥାଏ। ସେମାନେ ନିଜର ଆୟକୁ ସବୁ ସଦସ୍ୟଙ୍କ ମଧରେ ସମାନ ଭାବରେ ବଣ୍ଟନ କରିଥାଆନ୍ତି । ସ୍ୱଚ୍ଛଳ ଅବସ୍ଥାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜଙ୍ଗଲ ଭିତ୍ତିକ ଉଦ୍ୟୋଗ ଆରମ୍ଭ କରିବାର ପ୍ରକୃଷ୍ଟ ମାଧମ ମଧ ହୋଇଥାଆନ୍ତି।

## ୫.୬ ସମନ୍ୱିତ ଗ୍ରାମ ବିକାଶ :

ଜଙ୍ଗଲ ଆଖପାଖର ସୀମାନ୍ତ ଅଞ୍ଚଳରେ ପଞ୍ଚାୟତିରାଜସଂସ୍ଥାଗୁଡ଼ିକର ସହାୟତାରେ ହେଉଥିବା ସମନ୍ୱିତ ଗ୍ରାମବିକାଶ କାର୍ଯ୍ୟକ୍ରମ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାକୃତିକ ସଂବଳ ପରିଚାଳନା (ଏନଆରଏମ) ପର୍ଯ୍ୟବେସିତ ଜୀବିକା ରୋଜଗାରକୁ ଉତ୍ସାହିତ କରୁଥିବ।

## ୫.୭ ଅନୁସୁଚିତ ଅଞ୍ଚଳ[୨୧] :

ସ୍ଥାନୀୟ ଜଙ୍ଗଲଗୁଡ଼ିକର ସ୍ୱଶାସନ କାର୍ଯ୍ୟଟି ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତିରାଜର ସମ୍ପ୍ରସାରଣ ନିୟମକୁ ଲାଗୁକରି କରାଯାଇପାରିବ। ଜଙ୍ଗଲରେ ରହୁଥିବା ଲୋକମାନଙ୍କର ପାରମ୍ପରିକ ସତ୍ତ୍ୱାଧିକାର ଓ ବିଶେଷ ସୁବିଧାସୁଯୋଗକୁ ସୁରକ୍ଷିତ ତଥା ସୁସଙ୍ଗତ କରିବାକୁ କାର୍ଯ୍ୟକାରୀ ଏବଂ ପରିଚାଳନା ଯୋଜନାରେ ସଠିକ ବ୍ୟବସ୍ଥା ରଖି ଜଙ୍ଗଲ ବିଭାଗ ବିଶେଷ ଯତ୍ନ ନେଇସାରିଥିବ।

---

୨୧ **ଉଦାହରଣ ସ୍ୱରୂପ -** ଯଦି ସ୍ଥାନୀୟ ଆଦିବାସୀ ଜଙ୍ଗଲଜାତ ଫଳମୂଳ ଉପରେ ନିର୍ଭର କରନ୍ତି ତେବେ ସେମାନଙ୍କର ଉକ୍ତ ଅଧିକାରକୁ ସୁରକ୍ଷା ଦେବାପାଇଁ ଜଙ୍ଗଲ ପରିଚାଳନାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କର୍ମଯୋଜନାରେ ବିହୀତ ଆଲେଖ୍ୟ ରହିବା ଉଚିତ୍ । ଅନୁସୂଚୀତ ଅଞ୍ଚଳରେ ଜଙ୍ଗଲ ପରିଚାଳନାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କର୍ମଯୋଜନା ସ୍ଥାନୀୟ ଆଦିବାସୀଙ୍କ ପାରମ୍ପରିକ ଅଧିକାରକୁ ସୁରକ୍ଷା ପ୍ରଦାନ କରୁଛି। ଜଙ୍ଗଲ ସଂପଦର ବ୍ୟବସାୟୀକ ଉତ୍ତୋଳନକୁ ଏଡାଇ ଦିଆଯାଇପାରୁଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳାରେ କେନ୍ଦ୍ରୀଭୂତ ହୋଇଥିବା ଜଙ୍ଗଲ, ଖଣିଜ ସଂପଦ ଓ ଆଦିବାସୀ ସଂପ୍ରଦାୟର ପ୍ରସଂଗ ନିଆଯାଉ। ସେଠାରେ ଖଣିଜ ସଂପଦରେ ଉତ୍ତୋଳନ କରିବାକୁ ହେଲେ ସ୍ଥାନୀୟ ଅଧିବାସୀଙ୍କୁ ଯେତିକି କ୍ଷତିପୂରଣ ଓ ଅନ୍ୟାନ୍ୟ କର ବାବଦରେ ଖର୍ଚ୍ଚ କରିବାକୁ ହେଉଚି, ତା'ର ହିସାବ ଦେଖିଲେ ପୁରା ଅନୁସୂଚୀତ ଅଞ୍ଚଳରେ ଖଣିଜ ପଦାର୍ଥ ଉତ୍ତୋଳନ ଏତେ ଉତ୍ସାହଜନକ ମନେହେଉନାହିଁ।

# ୬.୦ ଜଙ୍ଗଲ ବିଭାଗ ଓ ପ୍ରଶାସନ/ ଶାସନ

## ୬.୧ ଜଙ୍ଗଲ ବିଭାଗ ଓ ପ୍ରଶାସନ[୨୨]:

ସହଯୋଗୀର ଭୂମିକାଦେଇ ସମ୍ପୂର୍ଣ୍ଣ ରୂପରେ ସଜ୍ଜିତ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ, ନିଜେ ଏକ ବିଶେଷ ଶ୍ରେଣୀର ବୋଲି କମ ଭାବୁଥିବା ତଥା ମହିଳା ପୁରୁଷଙ୍କର ସମାନ ଅନୁପାତ ଥିବା ତଥା କାର୍ଯ୍ୟକରିବାକୁ ଇଚ୍ଛୁକ ଜଙ୍ଗଲ ବିଭାଗ, ନିରନ୍ତର ଭାବରେ ଜଙ୍ଗଲ ସୁରକ୍ଷା ଏବଂ ପରିଚାଳନା ପାଇଁ ତଳସ୍ତରରୁ ସହଭାଗୀତାରେ ମିଳି ମିଶି କାର୍ଯ୍ୟ କରିବାରେ ବିଶ୍ୱାସ କରୁଥିବ। ଏହା ଜଙ୍ଗଲର ସ୍ଥିତି ତଥା ଜଙ୍ଗଲ ଅଞ୍ଚଳର ବିକାଶ, ସ୍ଥାନୀୟ ଲୋକଙ୍କର କ୍ଷମତା ବୃଦ୍ଧି, ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସହାୟତା କରିବା ପାଁଇ କାର୍ଯ୍ୟ କରୁଥିବେ।

## ୬.୨ ସାଂଗଠନିକ ଯୋଗାଯୋଗରେ ବୃଦ୍ଧି[୨୩]:

ସହଭାଗୀ ଜଙ୍ଗଲ ପରିଚାଳନାକୁ ମୁଖ୍ୟଧାରାରେ ପକାଇବା ବନ ବିଭାଗ ଅନ୍ୟାନ ସଂଗଠନଗୁଡିକ ସ୍ୱେଚ୍ଛାସେବୀ ସଂଗଠନ, ଗ୍ରାମସ୍ତରର ସଂଗଠନ ବା ସେମାନଙ୍କ ସଂଘ ସହ ସମ୍ପର୍କ ରଖିଥିବ ।

## ୬.୩ ଶାସନ:

ଅଧିକ ଉନ୍ନତ ଶାସନ ବ୍ୟବସ୍ଥା ଜଙ୍ଗଲ ସମ୍ପର୍କରେ ଥିବା ବହୁ ଲୋକଙ୍କ ମଧରେ ବିଚାର ଆଲୋଚନା ପୂର୍ବକ ସ୍ଥିର କରାଯାଇଥିବା ଏକ ନୀତି ସ୍ଥିର କରିବାରେ ସାହାଯ୍ୟ କରିଥାଏ। ଏହା ସମୟକୁ ସମୟ ଏହି ବ୍ୟବସ୍ଥାରେ ହେବାକୁ ଥିବା ପ୍ରଶାସନ ଓ ଅନୁଷ୍ଠାନ ସମ୍ବନ୍ଧିୟ ପରିବର୍ତ୍ତନରେ ମଧ ସାହାଯ୍ୟ କରିଥାଏ।

---

୨୨ ସୂଚାଙ୍କଗୁଡ଼ିକ ହେଲା:

- ବିଭାଗର ସ୍ଥିତି କ୍ଷୁଦ୍ର ଆକରର ହେବ କିନ୍ତୁ ନୀୟମିତ ନୂଆ ଓ ଯୁବକଲୋକଙ୍କୁ ନିଯୁକ୍ତି ଦିଆଯିବ।
- ନିୟମିତ ସେବାଭୁକ୍ତ ପ୍ରଶୀକ୍ଷଣ ଦିଆଯିବ, ଯାହା ସହଭାଗୀ ଅଭିମୂଖି ପ୍ରକ୍ରିୟା ଓ ବ୍ୟବସ୍ଥାକୁ ଗୁରୁତ୍ୱ ଦେବ।
- କମ୍ପୁଟରିକରଣ ଓ ଇଣ୍ଟରନେଟ୍ ସଂଯୋଗିକରଣର ବୃଦ୍ଧି ହେବ।
- ସେବା ସର୍ତ୍ତ ଯଥା ଗସ୍ତଖର୍ଚ୍ଚ, ସ୍ୱାସ୍ଥ୍ୟ ଖର୍ଚ୍ଚର ପ୍ରତିପୂରଣ ସନ୍ତୋଷ ଜନକ ହେବ।
- ବୃତ୍ତି ଯୋଜନା (Career Planning) ବିଶେଷ ଜ୍ଞାନ ଅର୍ଜନ ଆହରଣ ରହିବ।
- ଦୂରଦୂରାନ୍ତ ଏବଂ କଷ୍ଟସାଧ ଅଞ୍ଚଳରେ କାମ କରୁଥିବା କର୍ମଚାରୀ ଓ ତାଙ୍କ ପରିବାରକୁ ଯଥାସାଧ ସୁବିଧା ଦିଆଯିବ।
- ବାର୍ଷିକ ଗୁପ୍ତରିପୋର୍ଟ ବ୍ୟବସ୍ଥାରେ ପରିବର୍ତ୍ତନ କରି କାର୍ଯ୍ୟ ସମ୍ପାଦନର ଟିକିନିଖି ମୂଲ୍ୟାଙ୍କନ ବ୍ୟବସ୍ଥା ମୂଳକ ହେବ। ଯାହାକୁ ମାପ କରିହେବ ।
- କର୍ମଚାରୀମାନଙ୍କୁ ଆଇନଗତ ସୁରକ୍ଷା ଦେବା ସହିତ ଦାୟୀତ୍ୱ ତୁଲାଉଥିବା ସମୟରେ ବନ୍ଧୁକ ବ୍ୟବହାରର ଅନୁମତି ପ୍ରଦାନ କରିବା ଯାହାଦ୍ୱାରା ସେମାନେ ନିଜକୁ ରକ୍ଷା କରିପାରିବେ।
- ଭାରତ ଜଙ୍ଗଲ ନୀୟମ ମୁତାବକ ଜଙ୍ଗଲ ଅଧିକାରୀର ପଦ ମର୍ଯ୍ୟାଦା ବନରକ୍ଷୀଙ୍କୁ ପ୍ରଦାନ କରିବା।

୨୩ ଅନୁଷ୍ଠାନମାନଙ୍କ ମଧରେ ସୁ-ସମ୍ପର୍କ ଦ୍ୱାରା ବର୍ତ୍ତମାନ ଖାଲି ପଡ଼ିଥିବା ଅତ୍ୟଧିକ ପଦବୀ ଯୋଗୁଁ ଅସୁବିଧା ରହିବନାହିଁ।

# ୭.୦ ପୁଞ୍ଜିର ବଣ୍ଟନ, ବିନିଯୋଗ, ବୀମା ଓ ପ୍ରୋତ୍ସାହନ

## ୭.୧ ସବୁଜ ଜଙ୍ଗଲ ସୃଷ୍ଟି ସକାଶେ ଅର୍ଥ ଲଗାଣ ଓ ବିନିଯୋଗ[୨୪]:

ଜଙ୍ଗଲ ଯେଉଁ ସବୁ ପରିବେଶ ସମ୍ବନ୍ଧୀୟ ସେବା ଯୋଗାଇ ଦେଇଥାଏ ଏବଂ ଏହା ଭିତରେ ଥିବା ଲୋକଙ୍କର ଜୀବନ ଜୀବିକା ପାଇଁ କେତେ କ'ଣ ଦରକାର ହେବ ତାହା ବାସ୍ତବବାଦୀ ଦୃଷ୍ଟିକୋଣରୁ ସଠିକ ଭାବରେ ହିସାବ କରାଯାଇଥିବ। ଏଥିରେ ରାଜ୍ୟ ଅର୍ଥନୀତିକୁ ସୁଯୋଗ ଆକାରରେ ଯେଉଁ ମୂଲ୍ୟ ମିଳିବ ତାହା ମଧ ହିସାବ ହେଉଥିବ। ଏସବୁ ସେବାର ମୂଲ୍ୟ ଓ ବୈଶିଷ୍ଟ୍ୟ ଜଙ୍ଗଲ ପରିଚାଳନା ପାଇଁ କରାଯାଉଥିବା ବାର୍ଷିକ ଆୟବ୍ୟୟ ଅଟକଳରୁ ଜଣା ପଡ଼ି ଯାଉଥିବ। ରାଜ୍ୟ ଯୋଜନା ବାହାରେ ଯେଉଁ ଅର୍ଥ ମିଳିବାକୁ ଥିବ ତାହାକୁ ମଧ ଅଣାଯାଇଥିବ।

ନିରନ୍ତର ଭାବେ ତଥା ଉତ୍ତମ ରୂପେ ଜଙ୍ଗଲ ପରିଚାଳନା ଓ ଭଲ ଅମଳ ପ୍ରଦର୍ଶନର ପ୍ରମାଣପତ୍ର କେନ୍ଦ୍ର ସରକାରଙ୍କୁ ଅଧିକ ଅର୍ଥ ଦେବାପାଇଁ ପ୍ରେରିତ କରିବ। ସଠିକ ପ୍ରଣାଳୀରେ ଏକ ଜଙ୍ଗଲ ବିକାଶ ପାଣ୍ଠି ଗଠନ କରାଯାଇଥିବ।

କୃଷି ଜଙ୍ଗଲ ଉପରୁ ସମସ୍ତ ପ୍ରକାରର ନିୟନ୍ତ୍ରଣ ହଟାଯିବା ଓ ଦୀର୍ଘମିଆଦି ବୃକ୍ଷର ବୀମାକରଣ କରାଗଲେ ଜଙ୍ଗଲ ପାଇଁ ଆନୁଷ୍ଠାନିକ ଅର୍ଥଲଗାଣର ସୁବିଧା ମିଳିପାରେ ତଥା ଜଙ୍ଗଲ ସମ୍ବନ୍ଧିତ ଶିଳ୍ପ ସ୍ଥାପନା ପାଇଁ କିଛି ଲୋକ ଆଗ୍ରହ ପ୍ରକାଶ କରିପାରନ୍ତି।

ଗ୍ରାମ ଉନ୍ନୟନ, ଆଦିବାସୀ ଉନ୍ନୟନ ତଥା ପଞ୍ଚାୟତିରାଜ ବିଭାଗ ଜଙ୍ଗଲଭିତ୍ତିକ ଉଦ୍ୟୋଗ ଲଗାଇବା ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିପାରନ୍ତି।

ବନ ସୁରକ୍ଷା ସମିତି ଓ ମହାସଂଘଗୁଡ଼ିକ କେନ୍ଦ୍ରୀୟ ଯୋଜନାରେ ଆସୁଥିବା ସମସ୍ତ ଅର୍ଥ ଖର୍ଚ୍ଚ କରିପାରିବାର ସୁଯୋଗ ସୃଷ୍ଟି ହୋଇ ସାରିଛି। ଗ୍ରାମ ଉନ୍ନୟନ, ଜଳଛାୟା ପ୍ରକଳ୍ପ ବିକାଶ, ଆଦିବାସୀ ଉନ୍ନୟନ, ପୁଞ୍ଜିନିବେଶ, ବିଶେଷ କରି ଅଗମ୍ୟ ଅଞ୍ଚଳରେ ପୁଞ୍ଜିନିବେଶ ସକାଶେ ଜଙ୍ଗଲ ବିଭାଗ ସମସ୍ତ ବ୍ୟବସ୍ଥା କରି ସାରିଛି।

---

୨୪ ବହୁ ବର୍ଷୀୟ ବଜେଟ ବ୍ୟବସ୍ଥା ଏବଂ ଆର୍ଥିକ ବିତରଣ ପ୍ରଣାଳୀ ହିଁ ଦୀର୍ଘ ମିଆଦି ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମକୁ ପ୍ରତିଫଳିତ କରିବ।

**୭.୨ ଉତ୍ତମ ପରିବେଶ ସଂକ୍ରାନ୍ତୀୟ ସେବା ବୃଦ୍ଧି ତଥା ସଂରକ୍ଷଣ[୨୫]:**
ଜଙ୍ଗଲରୁ ସୁସ୍ଥ ପରିବେଶ ସଂକ୍ରାନ୍ତୀୟ ସେବା ଯୋଗାଣରେ ବୃଦ୍ଧି କରିବା ପାଇଁ ଅନ୍ୟାନ୍ୟ ସଂସ୍ଥା ଯେପରିକି ବଜାର ଓ ଏହି ସେବାରେ ଅର୍ଥ ଖଟାଇବା ପାଇଁ ଚାହୁଁଥିବା ଲୋକ ବା ସଂସ୍ଥା ସହିତ ମିଶି ଏଥି ସହିତ ସମ୍ପୃକ୍ତ ବ୍ୟକ୍ତି ଓ ସଂସ୍ଥାଙ୍କୁ ଅଧିକ ପ୍ରୋତ୍ସାହନ ଦିଆଯାଇଛି।

## ୮.୦ ସ୍ୱଚ୍ଛତା/ତଥ୍ୟ ଜାଣିବାର ଅଧିକାର/ ଇ-ଗର୍ଭନାନ୍ସ:

ଜଙ୍ଗଲ ସମ୍ବନ୍ଧିତ ସମସ୍ତ ନିୟମାବଳୀ ଏବଂ ପ୍ରକ୍ରୀୟା ତଥା ସେସବୁକୁ କାମରେ ଲଗାଇବା ପାଇଁ ହେଉଥିବା ଉଦ୍ୟମ ସରଳ ଓ ସ୍ୱଚ୍ଛ ହେବ। ସୂଚନା ପାଇବାର ଅଧିକାର ଆଇନ ଯୋଗୁ ଲୋକଙ୍କ ସହିତ ତଥ୍ୟର ଆଦାନ ପ୍ରଦାନ ଓ ଯୋଗାଯୋଗ ହୋଇପାରିବ। ଇ-ଗର୍ଭନାନ୍ସ ମାଧମରେ ସ୍ୱଚ୍ଛତା, ଉତ୍ତର ଦାୟୀତ୍ୱ ଓ ନିଷ୍ପତ୍ତି ନେବାରେ ସାହାର୍ଯ୍ୟ କରିବ। ଏସବୁ ପ୍ରକ୍ରୀୟାର ମୂଲ୍ୟ ନିରୂପଣ ଓ ମଝିରେ ଦରକାରୀ ସଂଶୋଧନ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ସ୍ଥାପନ କରାଯିବ। ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆ ଯାଉଥିବା ତଥ୍ୟ (ପୋର୍ଟଲରେ) ଯଥା ପ୍ରଶାସନିକ ଅଂଶ ବିଶେଷରେ ଆର୍ଥିକ ଓ ଖର୍ଚ୍ଚର ବିବରଣୀ ବିସ୍ତୃତ ଓ ବିକ୍ଷିପ୍ତ ହେବ।

୮.୧ ଜଙ୍ଗଲ ବିଭାଗର ପରିଚାଳନାର ବିଭିନ୍ନ ଦିଗ ଉପରେ ତଥ୍ୟ, ଜଙ୍ଗଲ ନୀତି, ନିୟମ, ପ୍ରକଳ୍ପ କର୍ମଚାରୀଙ୍କ ପାଇଁ ନୀୟମାବଳୀ, ବଜେଟ୍ ଇତ୍ୟାଦି ଏବଂ ସ୍ୱତନ୍ତ୍ର ଜଙ୍ଗଲ ଅଞ୍ଚଳ ପାଇଁ ପ୍ରସ୍ତୁତ ହୋଇଥିବା ସମସ୍ତ ନୀତିନିୟମ ପ୍ରକଳ୍ପ ଉପରେ ତଥ୍ୟ ଜନ ସାଧାରଣଙ୍କୁ ବିନା ସର୍ତ୍ତରେ ଉପଲବ୍ଧ ହୋଇପାରିବ। ସୂଚନା ପାଇବା ଅଧିକାର ଆଇନ ପ୍ରଣୟନ ହୋଇଥିବା ଇ-ଗର୍ଭନାନ୍ସ ହେତୁ ଅନବରତ ସୂଚନାର ଆଦାନ ପ୍ରଦାନ, ତଦାରଖ ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟକ୍ରମର ମୂଲ୍ୟ ନିରୂପଣ (ପୂର୍ବ, ଚଳିତ ଓ ପର) ହୋଇପାରିବ। ଇଣ୍ଟର୍‌ନେଟ୍ ରୁ ସମସ୍ତ ନୀତି, ନିୟମ, କାର୍ଯ୍ୟକ୍ରମ, କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରକ୍ରିୟା ସବୁ ସମୟରେ ଗ୍ରାମଗୋଷ୍ଠୀ ପାଇପାରିବେ। ଭୌଗଳିକ ତଥ୍ୟ ବ୍ୟବସ୍ଥା (GIS) ଯାହା ଇଣ୍ଟରନେଟ ମାଧମରେ ପ୍ରସାର ହେବ ତାହା ବିଭିନ୍ନ ଆଞ୍ଚଳିକ ବିବିଧତାକୁ ଦୃଷ୍ଟିରେ ରଖି ତଥ୍ୟ ଓ ନୀତିନିୟମ ପ୍ରଦାନ କରିବାରେ ସାହାଯ୍ୟ କରିବ।

---

୨୫ ଏଗୁଡ଼ିକ ହେଲା: ଜଳ ବିଭାଜିକା ସେବା - ଜଳର ଗୁଣାତ୍ମକ ମାନ ଓ ପରିମାଣ, ବନ୍ୟା ନିୟନ୍ତ୍ରଣ, ମୃତିକା କ୍ଷୟର ନିୟନ୍ତ୍ରଣ, ସୁନ୍ଦର ଭୂଦୃଶ୍ୟ, ଜୈବ ବିବିଧତା ଓ ଅଙ୍ଗାରକାମ୍ଳ ନିୟନ୍ତ୍ରଣ କରିବା